Government of Odisha

ବାର୍ଷିକ ବିବରଣୀ

୨୦୨୫-୨୬

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

"ଅମୃତ କାଳରେ ଆମ ସହରଗୁଡ଼ିକର ଭବିଷ୍ୟତ କିପରି ହେବ, ତାହା ସହରୀ ଯୋଜନା ହିଁ ସ୍ଥିର କରିବ; ଏବଂ କେବଳ ସୁପରିକଳ୍ପିତ ସହରଗୁଡ଼ିକ ହିଁ ଭାରତର ଭାଗ୍ୟ ନିର୍ଦ୍ଧାରଣ କରିବ..."

ମାନ୍ୟବର ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ପୌରାଞ୍ଚଳ (ULBs) କୁ ସମ୍ବର୍ଦ୍ଧନା

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ଅଧୀନରେ ହିତାଧିକାରୀଙ୍କୁ ଗୃହ ଚାବି ବଣ୍ଟନ କରୁଛନ୍ତି

ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣ

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ହିତାଧିକାରୀଙ୍କୁ କ୍ରୁଟ୍ (CRUT) ସ୍ମାର୍ଟ କାର୍ଡ ବଣ୍ଟନ କରୁଛନ୍ତି

ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଭିଭାଷଣ

ବିସିପିପିଇଆର୍ ଅର୍ଥନୈତିକ ଯୋଜନା ଶୁଭାରମ୍ଭ ସମୟର କିଛି ବିଶେଷ ମୁହୂର୍ତ୍ତ

ନିଯୁକ୍ତି ମେଳା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୧୪୨ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରୁଛନ୍ତି

ବିସିପିପିଇଆର୍ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣ

ନିଯୁକ୍ତି ମେଳା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହ ନବ ନିଯୁକ୍ତ ପ୍ରାର୍ଥୀଙ୍କ କିଛି ବିଶେଷ ମୁହୂର୍ତ୍ତ

ପିଏମ୍ ସ୍ୱନିଧି ଯୋଜନା ଅଧୀନରେ ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କଠାରୁ ଚେକ୍ ଏବଂ କ୍ରେଡିଟ୍ କାର୍ଡ ଗ୍ରହଣ କରୁଛନ୍ତି ହିତାଧିକାରୀ

ପିଏମ୍ ସ୍ୱନିଧି ଚେକ୍ ଓ କ୍ରେଡିଟ୍ କାର୍ଡ ବଣ୍ଟନ ପାଇଁ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ହିତାଧିକାରୀଙ୍କ କିଛି ବିଶେଷ ମୁହୂର୍ତ୍ତ

ସୂଚୀପତ୍ର

୧. ଉପକ୍ରମ 01

୨. ସାଂଗଠନିକ ରୂପରେଖ (Organogram) 02

୩. ପ୍ରଥମ ଅଧ୍ୟାୟ: ଜଳ ଯୋଗାଣ 05-13

କ. ୨୪ x ୭ ନିରନ୍ତର ଜଳ ଯୋଗାଣ

ଖ. ବସୁଧା

ଗ. ଅମୃତ ୨. ୦

୪. ଦ୍ୱିତୀୟ ଅଧ୍ୟାୟ: ପରିମଳ ବ୍ୟବସ୍ଥା 14- 23

କ. ସ୍ୱଚ୍ଛ ଭାରତ ମିଶନ

ଖ. ସ୍ୱଚ୍ଛ ଓଡ଼ିଶା

ଗ. ଗରିମା

୫. ତୃତୀୟ ଅଧ୍ୟାୟ: ନଗର ଉନ୍ନୟନ 24- 31

କ. ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା

ଖ. ଆହାର

ଗ. ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି (OUIDF)

ଘ. ବର୍ଷା ଜଳ ନିଷ୍କାସନ

ଙ. ପୌର ପ୍ରଶାସନ ପରିଚାଳନା

୬. ଚତୁର୍ଥ ଅଧ୍ୟାୟ: ପରିବହନ 32- 35

କ. କ୍ରୁଟ୍ (CRUT)

୭. ପଞ୍ଚମ ଅଧ୍ୟାୟ: ନଗର ଯୋଜନା ପ୍ରଣୟନ 36- 39

କ. ଜିଆଇଏସ୍ ଭିତ୍ତିକ ମାଷ୍ଟର ପ୍ଲାନିଂ

ଖ. ବିସିପିପିଇଆର (BCPPER)

ଗ. ସମୃଦ୍ଧ ସହର

୮. ଷଷ୍ଠ ଅଧ୍ୟାୟ: ଗୃହନିର୍ମାଣ 40- 47

କ. ପ୍ରଧାନମନ୍ତ୍ରୀ ଆବାସ ଯୋଜନା

୯. ସପ୍ତମ ଅଧ୍ୟାୟ: ଅର୍ଥ କମିଶନ 48- 51

କ. ରାଜ୍ୟ ଅର୍ଥ କମିଶନ

ଖ. କେନ୍ଦ୍ରୀୟ ଅର୍ଥ କମିଶନ

୧୦. ଅଷ୍ଟମ ଅଧ୍ୟାୟ: ଅଭିନବ ପ୍ରୟାସ 52- 57

କ. ସହଯୋଗ

ଖ. ଅଙ୍କୁର

ଗ. ଓଡ଼ିଶା ଯାତ୍ରୀ

ଘ. ସହର ସାଥି

ଙ. ସହରୀ ଶାସନ ବ୍ୟବସ୍ଥା

୧୧. ନବମ ଅଧ୍ୟାୟ: ବଜେଟ୍ (ଆୟ-ବ୍ୟୟ ଅଟକଳ) 58-61

ଉପକ୍ରମ

ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟର ସହରାଞ୍ଚଳଗୁଡ଼ିକରେ ସାମଗ୍ରିକ ବିକାଶ ସହିତ ସ୍ଥାୟୀ ସହରୀ ବିକାଶ ପାଇଁ ମୁଖ୍ୟ ସଂସ୍ଥା ଭାବରେ କାର୍ଯ୍ୟ କରୁଛି ।

ରାଜ୍ୟର ୧୧୫ଟି ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା (ULBs) ର ମୁଖ୍ୟ ବିଭାଗ ଭାବରେ, ଏହା ଏକ ଉନ୍ନତ, ସମାନତା ଭିତ୍ତିକ ଏବଂ ସୁଦୃଢ଼ ସହରାଞ୍ଚ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହି ସହରାଞ୍ଚଳଗୁଡ଼ିକ ସମସ୍ତ ନାଗରିକଙ୍କ ଆବଶ୍ୟକତା ଏବଂ ଆଶା-ଆକାଂକ୍ଷାକୁ ପୂରଣ କରିବା ପାଇଁ ଉଦ୍ଦିଷ୍ଟ ।

ସହରାଞ୍ଚଳ ନାଗରିକମାନଙ୍କୁ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ସେବା ସୁଚାରୁରୂପେ ଯୋଗାଇ ଦେବା ପାଇଁ ବିଭାଗ ପକ୍ଷରୁ ଏକ ବ୍ୟାପକ ଏବଂ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଏହି ସେବାଗୁଡ଼ିକ ମଧ୍ୟରେ ସୁଲଭ ଆବାସ, ନିରାପଦ ପାନୀୟ ଜଳ ଯୋଗାଣ, ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଷା ଜଳ ନିଷ୍କାସନ, ସୁପରିଚାଳିତ ସହରୀ ରାସ୍ତା ଏବଂ ଭରସାଯୋଗ୍ୟ ସାଧାରଣ ପରିବହନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ।

କେବଳ ଭୌତିକ ଭିତ୍ତିଭୂମିର ବିକାଶ ନୁହେଁ, ବରଂ ନୂତନ ଜୀବିକା ସୃଷ୍ଟି ଏବଂ ସହରାଞ୍ଚଳ ବାସିନ୍ଦାଙ୍କୁ ସଶକ୍ତ କରି ସେମାନଙ୍କୁ ରାଜ୍ୟର ସାମଗ୍ରିକ ବିକାଶ ଧାରାରେ ସାମିଲ କରିବା ପାଇଁ ବିଭାଗ ନିରନ୍ତର କାର୍ଯ୍ୟ କରୁଛି ।
ନବସୃଜନ, ଆନୁଷ୍ଠାନିକ ସୁଦୃଢ଼ୀକରଣ ଏବଂ ମିଳିତ ସହଭାଗିତା ଉପରେ ଗୁରୁତ୍ୱ ଦେଇ ବିଭାଗ ପକ୍ଷରୁ ବିକାଶର ଏକ ଜନ-ଭାଗିଦାରୀ ଓ ଗୋଷ୍ଠୀ ସମନ୍ୱୟରେ ଚାଳିତ ମଡେଲକୁ ପ୍ରୋତ୍ସାହନ ଦିଆଯାଉଛି। ବିଶେଷ କରି ସମାଜର ପଛୁଆ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସହରାଞ୍ଚଳ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ କରିବା ଏବଂ ସେମାନଙ୍କୁ ଏହାର ସୁଫଳ ପ୍ରଦାନ କରିବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ଏହାଦ୍ୱାରା ଏକ ସ୍ଥାୟୀ ଏବଂ ସର୍ବସାମୂହିକ ପ୍ରଗତି ସୁନିଶ୍ଚିତ ହୋଇପାରୁଛି ।

ଏହି ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବା ପାଇଁ, ବିଭାଗ ୨୫ରୁ ଅଧିକ ସ୍ୱତନ୍ତ୍ର ଶାଖା ଏବଂ ୩ଟି ମୁଖ୍ୟ ନିର୍ଦ୍ଦେଶାଳୟ ମାଧ୍ୟମରେ କାର୍ଯ୍ୟ କରୁଛି । ସେଗୁଡ଼ିକ ହେଲା: ପୌର ପ୍ରଶାସନ ନିର୍ଦ୍ଦେଶାଳୟ, ନଗର ଯୋଜନା ନିର୍ଦ୍ଦେଶାଳୟ ଏବଂ ଆବାସ ନିର୍ଦ୍ଦେଶାଳୟ (ଯାହା ଓଡ଼ିଶା ସହରୀ ଆବାସ ମିଶନ - OUHM ଭାବେ ମଧ୍ୟ ପରିଚିତ) ।

ଏହା ବ୍ୟତୀତ ବିଭାଗକୁ ବିଭିନ୍ନ ସହଯୋଗୀ ସଂସ୍ଥା ସହାୟତା କରୁଛନ୍ତି, ଯଥା: ରାଜ୍ୟ ସହରାଞ୍ଚଳ ବିକାଶ ସଂସ୍ଥା (SUDA), ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ (OSHB), ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ (PHEO), ୱାଟର କର୍ପୋରେସନ୍ (WATCO), ଓଡ଼ିଶା ସହରୀ ଭିତ୍ତିଭୂମି ବିକାଶ ପାଣ୍ଠି (OUIDF), ଓଡ଼ିଶା ଜଳ ଯୋଗାଣ ଏବଂ ନର୍ଦ୍ଦମା ବୋର୍ଡ (OWSSB) ଏବଂ ଓଡ଼ିଶା ଅର୍ବାନ ଏକାଡେମୀ (OUA) ।

ଓଡ଼ିଶାର ସହରୀ ବ୍ୟବସ୍ଥା ୧୧୫ଟି ସହରାଞ୍ଚଳ ପୌରସଂସ୍ଥା(ULB) କୁ ନେଇ ଗଠିତ । ଏଥିମଧ୍ୟରେ ୫ଟି ମହାନଗର ନିଗମ, ୪୮ଟି ପୌରପାଳିକା ଏବଂ ୬୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ (NAC) ଅନ୍ତର୍ଭୁକ୍ତ । ଏହି ଅନୁଷ୍ଠାନଗୁଡ଼ିକ ମିଳିତ ଭାବେ ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା ସୁନିଶ୍ଚିତ କରିବା ସହ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି ।

ସାମଗ୍ରିକ, ସମାନତା ଭିତ୍ତିକ ଏବଂ ସ୍ଥାୟୀ ସହରୀ ଅଭିବୃଦ୍ଧିର ଲକ୍ଷ୍ୟ ନେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ କାର୍ଯ୍ୟ କରୁଛି । ଓଡ଼ିଶାର ସହରଗୁଡ଼ିକୁ ସୁଯୋଗ, ସ୍ଥିତିସ୍ଥାପକତା ଏବଂ ପ୍ରଗତିର ଏକ ଗତିଶୀଳ କେନ୍ଦ୍ରରେ ପରିଣତ କରିବା ପାଇଁ ବିଭାଗ ନିଜର ସଂକଳ୍ପରେ ଅଟଳ ରହିଛି ।

Organogram

Organizational Chart And Overview Of The Housing And Urban Development Department



Directorate of Municipal Administration



State Urban Development Agency (SUDA)



CRUT & BMRCL Limited

MINISTER

Secretary of the Administrative Department

Capital Region Urban Transport

Chairman

Managing Director

General Manager

Manager

Director Town Planning

MINISTER

Secretary of the Administrative Department

Director Town Planning

Chief Town Planning

RTIs (7) SPAs (87)

Associate/ Asst. Town Planner

PHEO and WATCO

MINISTER

WATCO

Chief Executive Officer

Chief Operating Officer

General Manager

PHEO

Engineer-in-Chief

Chief Engineer

Executive Engineer

Odisha Urban Housing Mission (OUHM)

MINISTER

Secretary of the Administrative Department

Director, Housing

Chairperson, District Housing Society

ପ୍ରଥମ ଅଧ୍ୟାୟ

ଜଳ ଯୋଗାଣ (WATER SUPPLY)



ଓଡ଼ିଶା ସରକାର ସହରାଞ୍ଚଳ ଜଳ ଯୋଗାଣ କ୍ଷେତ୍ରରେ ଏକ ବ୍ୟାପକ ଏବଂ ପରିବର୍ତ୍ତନଶୀଳ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି। ରାଜ୍ୟର ସମସ୍ତ ପୌରସଂସ୍ଥାରେ ପର୍ଯ୍ୟାପ୍ତ ପରିମାଣର ଏବଂ ନିର୍ଦ୍ଧାରିତ ମାନର ପାଇପ୍ ଜଳ ଯୋଗାଣ ସହିତ ସାର୍ବଜନୀନ ସୁବିଧା ସୁନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଜାତୀୟ ତଥା ରାଜ୍ୟସ୍ତରୀୟ ବିକାଶମୂଳକ ପ୍ରାଥମିକତା ସହିତ ସମନ୍ୱୟ ରକ୍ଷା କରି ଏହି ଅଭିଯାନ ସେବାର ବିଶ୍ୱସନୀୟତା, ସ୍ଥାୟିତ୍ୱ ଏବଂ ସମାନତା ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ସହରାଞ୍ଚଳରେ ଜଳ ଭିତ୍ତିଭୂମି ଏବଂ ବିତରଣ ବ୍ୟବସ୍ଥାର ଉନ୍ନତି ପାଇଁ ଉଲ୍ଲେଖନୀୟ ଆର୍ଥିକ ବିନିଯୋଗ କରାଯାଇଛି। ସମସ୍ତ ସହରୀ ପରିବାରକୁ ନିୟମିତ ବିଶୁଦ୍ଧ ଜଳ ଯୋଗାଣ ସୁନିଶ୍ଚିତ କରିବା ଦିଗରେ ଏହି ବିନିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସରକାର ସୁଜଳ (SUJALA), ଅମୃତ 9.0 (AMRUT 2.0) ଯୋଜନା ଓ ଅର୍ଥ କମିଶନ ଅନୁଦାନ ମଧ୍ୟରେ ସମନ୍ୱୟ ରକ୍ଷା କରୁଛନ୍ତି, ଯାହାଦ୍ୱାରା କାର୍ଯ୍ୟଧାରାକୁ ଅଧିକ ପ୍ରଭାବଶାଳୀ କରାଯାଇପାରିବ ଏବଂ ଏହାର ସୁଫଳ ସର୍ବସାଧାରଣଙ୍କ ପାଖରେ ପହଞ୍ଚିପାରିବ । ଏହି ସମନ୍ୱିତ ପ୍ରୟାସ ଦ୍ୱାରା ରାଜ୍ୟ ସରକାର ନିଜର କାର୍ଯ୍ୟଧାରାକୁ ସୁସଂଗଠିତ କରିବା ସହ ଦ୍ରୁତ ଓ ସାମଗ୍ରିକ ସଫଳତା ପାଇବାରେ ସମର୍ଥ ହୋଇଛନ୍ତି ।

ଜଳ ପରିଚାଳନା ବିଧିକୁ ଆଗକୁ ବଢ଼ାଇବାରେ ସାଂସ୍ଥାନିକ ସଂସ୍କାର ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଜଳ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରିବା ସହ ଏହାକୁ ସହରୀ ଜନସଂଖ୍ୟାର ଆବଶ୍ୟକତା ଅନୁଯାୟୀ ଉତ୍ତରଦାୟୀ କରିବା ପାଇଁ ନୀତିଗତ ପରିବର୍ତ୍ତନ ଓ ଦକ୍ଷତା ବୃଦ୍ଧି ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହିତ, ରାଜ୍ୟ ସ୍ମାର୍ଟ ଜଳ ପରିଚାଳନା (Smart Water Management) ବୈଷୟିକ ଜ୍ଞାନକୌଶଳକୁ ଆପଣାଇଛି । ଅଣ-ରାଜସ୍ୱ ଜଳ (Non-Revenue Water) ର ପରିମାଣ ହ୍ରାସ କରିବା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ 'ରିୟଲ୍-ଟାଇମ୍ ୱାଟର ମନିଟରିଂ ସିଷ୍ଟମ' ଉପଯୋଗ କରାଯାଇଛି, ଯାହା ସମ୍ବଳର ଉପଯୁକ୍ତ ବଣ୍ଟନ ଏବଂ ପ୍ରଣାଳୀରେ ହେଉଥିବା ଜଳ ଅପଚୟକୁ କମ୍ କରିବାରେ ସହାୟକ ହେଉଛି ।

ଏତଦ୍‌ବ୍ୟତୀତ, ସ୍ଥାନୀୟ ବାସିନ୍ଦାଙ୍କ ସହଭାଗିତା ଏହି ପ୍ରୟାସର ଏକ ମୂଳଦୁଆ ହୋଇଛି । ଜଳ ପରିଚାଳନା ଏବଂ ବିତରଣ କ୍ଷେତ୍ରରେ ସ୍ଥାନୀୟ ବାସିନ୍ଦାଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଜଳର ଉପଲବ୍ଧତା ସମସ୍ତଙ୍କ ପାଇଁ ସମାନ ଏବଂ ସ୍ଥାୟୀ ହୋଇପାରିଛି । ଏହି ସହଭାଗିତା ବାସିନ୍ଦାଙ୍କ ମଧ୍ୟରେ ମାଲିକାନା ଏବଂ ଦାୟିତ୍ୱବୋଧର ମନୋଭାବ ସୃଷ୍ଟିକରେ, ଯାହା ଦୀର୍ଘକାଳୀନ ଜଳ ସୁରକ୍ଷା ବଜାୟ ରଖିବାରେ ସାହାଯ୍ୟ କରିଥାଏ । ନିରନ୍ତର ବିନିଯୋଗ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାର ସମନ୍ୱୟ, ସାଂସ୍ଥାନିକ ଓ ନୀତିଗତ ସଂସ୍କାର, ସ୍ମାର୍ଟ ଜଳ ପରିଚାଳନା ପଦ୍ଧତିର ପ୍ରୟୋଗ ଏବଂ ସକ୍ରିୟ ଜନସହଭାଗିତା ମାଧ୍ୟମରେ ଓଡ଼ିଶା ସାର୍ବଜନୀନ ସହରୀ ଜଳ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି ।

ବର୍ତ୍ତମାନ ରାଜ୍ୟର ୧୧୫ଟି ପୌରସଂସ୍ଥା ମଧ୍ୟରୁ ୮୬ଟିରେ ଜଳ ଯୋଗାଣ ବ୍ୟବସ୍ଥାର ଯୋଜନା, ରୂପାୟନ ଓ ପରିଚାଳନା ଦାୟିତ୍ୱ ଜନସ୍ୱାସ୍ଥ୍ୟ ବୈଷୟିକ ସଂଗଠନ (PHEO) ଉପରେ ନ୍ୟସ୍ତ ଥିବାବେଳେ, ଅବଶିଷ୍ଟ ୨୯ଟି ପୌରସଂସ୍ଥା ଓଡ଼ିଶା ଜଳ ନିଗମ (WATCO) ଦ୍ୱାରା ପରିଚାଳିତ ହେଉଛି ।

ସୁଜଳ: ରାଜ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର ସହରାଞ୍ଚଳ ଜଳ ଯୋଗାଣ ଅଭିଯାନ

ମୁଖ୍ୟ ଯୋଜନା "ସୁଜଳ" ଅଧୀନରେ ରହିଛି

କ) ୨୪x୭ ନିରନ୍ତର ଜଳ ଯୋଗାଣ:

୨୪x୭ ଜଳ ଯୋଗାଣ ଅଭିଯାନ ହେଉଛି ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ରାଜ୍ୟର ପ୍ରତିଟି ଘରକୁ ଟ୍ୟାପ୍ ଯୋଗେ ନିରନ୍ତର ବିଶୁଦ୍ଧ ଜଳ ଯୋଗାଇ ଦେବା । ଏହି ଯୋଜନା ସୁରକ୍ଷିତ ପାନୀୟ ଜଳ, ନିର୍ଦ୍ଧାରିତ ମାନ ଅନୁଯାୟୀ ଜଳର ଗୁଣବତ୍ତା ଏବଂ ସହରାଞ୍ଚଳ ତଥା ସହର ଉପକଣ୍ଠ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବାକୁ ପ୍ରାଥମିକତା ଦେଉଛି ।

ୱାଟକୋ (WATCO) ସମସ୍ତ ସହରାଞ୍ଚଳରେ ୨୪x୭ ଜଳ ଯୋଗାଣ ସହିତ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' (DFT) ପଦକ୍ଷେପକୁ କାର୍ଯ୍ୟକାରୀ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି । ବର୍ତ୍ତମାନ ସୁଦ୍ଧା ୧୧ଟି ସହରାଞ୍ଚଳରେ ୨୪x୭ DFT ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଛି, ୧୬ଟି ସହରାଞ୍ଚଳରେ କାର୍ଯ୍ୟ ଚାଲୁଅଛି ଏବଂ ବାକି ୨ଟି ସହରାଞ୍ଚଳ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ପ୍ରସ୍ତୁତ କରାଯାଉଛି ।

ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କ୍ଷେତ୍ର ପରିଦର୍ଶନ ସମୟରେ ସାର୍ବଜନୀନ ପାନୀୟ ଜଳ ପ୍ରକଳ୍ପର ଅନୁଧ୍ୟାନ କରୁଛନ୍ତି

Status of Implementing 24X7 DFT in 115 ULBs



ମୁଖ୍ୟ ସଫଳତା:

- ଏହି ପ୍ରକଳ୍ପ ଘରକୁ ଟ୍ୟାପ୍ ମାଧ୍ୟମରେ ୨୪x୭ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଶ୍ଚିତ କରେ।
- ବାହ୍ୟ ପ୍ରଦୂଷଣକୁ ରୋକିବା ପାଇଁ ପାଇପଲାଇନରେ ପଜିଟିଭ୍ ପ୍ରେସର (Positive pressure) ରଖାଯାଏ।
- 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' (DFT) ଅଭିଯାନରେ ସମ୍ପୂର୍ଣ୍ଣ ସଫଳତା ପାଇବାରେ ପୁରୀ ଭାରତର ପ୍ରଥମ ସହର ହୋଇପାରିଛି।
- ପୁରୀରେ ପ୍ରାୟ ୩୬,୦୦୦ ପରିବାର ଏବଂ ପାଖାପାଖି ୨.୬ ଲକ୍ଷ ଲୋକ ଏହି ଯୋଜନାରେ ଉପକୃତ ହୋଇଛନ୍ତି।
- DFT ପଦକ୍ଷେପକୁ ଅନ୍ୟ ୧୦ଟି ସହରକୁ ସମ୍ପ୍ରସାରଣ କରାଯାଉଛି: ବ୍ରହ୍ମପୁର, ଗୋପାଳପୁର, ହିଞ୍ଜିଳିକାଟୁ, ନିମାପଡ଼ା, ଚମ୍ପୁଆ, ଆନନ୍ଦପୁର, ରାଜଗାଙ୍ଗପୁର, ବୀରମିତ୍ରପୁର, ରାଇରଙ୍ଗପୁର ଏବଂ ସୁନ୍ଦରଗଡ଼।
- ଖଣି ଅଞ୍ଚଳରେ ଥିବା ୧୪ଟି ସହରାଞ୍ଚଳ ପୌରସଂସ୍ଥା (ULB) କୁ ମଧ୍ୟ DFT ମାନର ଜଳ ଯୋଗାଣ ସେବା ପ୍ରଦାନ କରାଯାଇଛି।
- ୬ଟି ସହରରେ କାର୍ଯ୍ୟ ସଫଳତାର ସହ ଶେଷ ହୋଇଥିବାବେଳେ ବାକି ସହରଗୁଡ଼ିକରେ କାର୍ଯ୍ୟ ଜାରି ରହିଛି।
- ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ର ସଦସ୍ୟାମାନଙ୍କୁ 'ଜଳସାଥୀ' ଭାବେ ନିୟୋଜିତ କରାଯାଇଛି।
- ଜଳର ମାନ ପରୀକ୍ଷା, ବଣ୍ଟନ ଏବଂ ଜଳ ଅଭିଯୋଗର ସମାଧାନ, ବିଲ୍ କର ସଂଗ୍ରହ କରିବା ସେମାନଙ୍କର ଦାୟିତ୍ୱ।
- ଏହି ମଡେଲ୍ ଏହାର ସଫଳତା ଏବଂ ଅଭିନବ ଶୈଳୀ ପାଇଁ ଉଭୟ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ପାଇଛି
- ଜଳ କିଓସ୍କ, ମଳ ପଙ୍କ ପରିଚାଳନା ପ୍ଲାଣ୍ଟ (FSTP) ଏବଂ ଜଳ ବିଶୋଧନ ପ୍ଲାଣ୍ଟଗୁଡ଼ିକର ପରିଚାଳନା ଦାୟିତ୍ୱ ତୃତୀୟଲିଙ୍ଗୀ SHG ମାନଙ୍କୁ ପ୍ରଦାନ କରାଯାଇଛି।

ପ୍ରତିଟି ପରିବାର ପାଇଁ ନିରାପଦ ବିଶୁଦ୍ଧ ପାନୀୟ ଜଳ ହେଉଛି ସୁନିଶ୍ଚିତ

- ଉପଯୁକ୍ତ ତାଲିମ ସହିତ ଏହି ପଦକ୍ଷେପ ଏକ ସଫଳ ଏବଂ ସମସ୍ତଙ୍କୁ ସାମିଲ୍ କରୁଥିବା ସେବା ଯୋଜନା ଭାବେ ସାବ୍ୟସ୍ତ ହୋଇଛି
- ଜଳ ସଂଗ୍ରହ ଏବଂ ବିଶୋଧନ ପ୍ରକ୍ରିୟାରେ ଉତ୍ତମ ପରିଚାଳନା ପାଇଁ ଏହି ପ୍ରକଳ୍ପ ISO 9001:2015 ପ୍ରମାଣପତ୍ର ହାସଲ କରିଛି।
- ମିଟର ସଂଯୋଗ ଏବଂ ଜଳ ଅପଚୟ (Non-Revenue Water) ହ୍ରାସ କରିବା ଏହି ଯୋଜନାର ଏକ ମୁଖ୍ୟ ଅଂଶ।
- ୮ ଲକ୍ଷରୁ ଅଧିକ ୱାଟର ମିଟର ଲଗାଯାଇଛି, ଯେଉଁଥିରେ ୭ଟି ସହର ୧୦୦% ମିଟରିଂ ସଫଳତା ପାଇଛନ୍ତି।
- ଏହି ପ୍ରୟାସ ଦ୍ୱାରା ଜଳର ଅପଚୟ କମିବା ସହ ସଠିକ୍ ବିଲ୍ ପ୍ରସ୍ତୁତି ଏବଂ ଆର୍ଥିକ ସ୍ଥାୟୀତ୍ୱ ବୃଦ୍ଧି ପାଇଛି।

- ଜଳର ମାନ ପରୀକ୍ଷା ଏବଂ କିଛି ଅସୁବିଧା ଥିଲେ ତାହାର ତୁରନ୍ତ ସମାଧାନ ନେବା ପାଇଁ ୧୩ଟି ମୋବାଇଲ୍ ଲ୍ୟାବ୍ (Mobile Laboratories) ନିୟୋଜିତ କରାଯାଇଛି ।
- ଜଳର ମାନ ନିୟମିତ ଯାଞ୍ଚ କରିବା ପାଇଁ ବିଭିନ୍ନ ସ୍ଥାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ମାନର ସେନ୍ସର ସହିତ ଅନଲାଇନ୍ ମନିଟରିଂ ସିଷ୍ଟମ୍ ସ୍ଥାପନ କରାଯାଇଛି ।

୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ, ୱାଟକୋ (WATCO) ପାଞ୍ଚଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ (WTP) ସମ୍ପୂର୍ଣ୍ଣ କରିଛି । ଏହାକୁ ମିଶାଇ ବର୍ତ୍ତମାନ ମୋଟ ୫୪ଟି ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି, ଯାହା ଗତ ବର୍ଷ ୪୯ଟି ଥିଲା । ଏହା ବ୍ୟତୀତ ସମ୍ବଲପୁର, ବଡ଼ବିଲ, ଝାରସୁଗୁଡ଼ା, ବ୍ରଜରାଜନଗର, ନିମାପଡ଼ା, କଟକ ଏବଂ ଭୁବନେଶ୍ୱରରେ ୧୪.୪ ନିଯୁତ ଲିଟର ଷମତା ବିଶିଷ୍ଟ ୧୬ଟି ଜଳ ସଂରକ୍ଷଣ ଜଳାଶୟ (Storage Reservoir) ନିର୍ମାଣ କରାଯାଇଛି । ଏହି ସମ୍ପ୍ରସାରଣ ଦ୍ୱାରା ରାଜ୍ୟରେ ଜଳ ବିଶୋଧନ ଷମତା ଏବଂ ଜଳ ସଂରକ୍ଷଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇଛି ।

ଏହି ସହରଗୁଡ଼ିକୁ ୪୯୯ଟି ଜଳ ଯୋଗାଣ ଜୋନ୍‌ରେ ବିଭକ୍ତ କରାଯାଇଛି, ଯେଉଁଥିରୁ ୩୨୪ଟି ଜୋନ୍‌ରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ବାକି ୧୭୫ଟି ଜୋନ୍‌ରେ କାର୍ଯ୍ୟ ଜାରି ରହିଛି । ଏଥିସହ, ସମ୍ବଲପୁର ମହାନଗର ନିଗମ (SMC) ପାଇଁ ପ୍ରାୟ ୫୮୪.୭୦ କୋଟି ଟଙ୍କାର ଏକ ବୃହତ ପାନୀୟ ଜଳ ପ୍ରକଳ୍ପ ଅନୁମୋଦିତ ହୋଇଛି ଏବଂ ଏହାର କାର୍ଯ୍ୟ ଚାଲୁଅଛି । ଏହି ପ୍ରକଳ୍ପକୁ ଅକ୍ଟୋବର ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ବ୍ୟତୀତ ପିପିଲି, ବେଲପାହାଡ଼, ଖୋର୍ଦ୍ଧା, ଜଟଣୀ, ଝାରସୁଗୁଡ଼ା ଏବଂ ନହରକଣ୍ଟା ପରି ୬ଟି ସହରାଞ୍ଚଳ ପାଇଁ ୪୭୦.୩୨ କୋଟି ଟଙ୍କା ବ୍ୟୟରେ ଟେଣ୍ଡର ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ଚୂଡ଼ାନ୍ତ କରାଯାଇଛି ।

୨୦୨୫-୨୬ ଆର୍ଥିକ ବର୍ଷରେ, ୱାଟକୋ (WATCO) ପିପିପି (PPP) ମୋଡ୍‌ରେ ପାଞ୍ଚଟି ନୂତନ ତୃତୀୟ-ପକ୍ଷ (third-party) ଜଳ ପରୀକ୍ଷାଗାର ସ୍ଥାପନ କରିଛି । ଏହାକୁ ମିଶାଇ ବର୍ତ୍ତମାନ ମୋଟ ୧୫ଟି ପରୀକ୍ଷାଗାର (୧ଟି ରାଜ୍ୟ ସ୍ତରୀୟ ଏବଂ ୧୪ଟି ଡିଭିଜନାଲ୍ ଲ୍ୟାବ୍) କାର୍ଯ୍ୟକ୍ଷମ ହୋଇଛି । ଏହା ବ୍ୟତୀତ, ଆଉ ଦୁଇଟି ଡିଭିଜନାଲ୍ ଲ୍ୟାବ୍ ନିର୍ମାଣାଧୀନ ଅଛି, ଯାହା ରାଜ୍ୟର ସାମଗ୍ରିକ ଜଳ ପରୀକ୍ଷା ଷମତାକୁ ଆହୁରି ସୁଦୃଢ଼ କରିବ। ସେହିଭଳି, ପିଏଚ୍‌ଇଓ (PHEO) ମଧ୍ୟ ୮ଟି ନୂତନ ଜଳ ପରୀକ୍ଷାଗାରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି ।

ଓଡ଼ିଶା ସହରାଞ୍ଚଳରେ ଜଳ ଭିତ୍ତିଭୂମି ଏବଂ ବିଶୋଧନ ଷମତାର ସୁଦୃଢ଼ୀକରଣ

ଖ) ବସୁଧା (BASUDHA):

ରାଜ୍ୟର ସମସ୍ତ ସହରାଞ୍ଚଳ ଏବଂ ବସ୍ତି ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ 'ବସୁଧା' ଯୋଜନା ଅଧୀନରେ "ସମସ୍ତଙ୍କ ପାଇଁ ଜଳ" କାର୍ଯ୍ୟକ୍ରମ ଚାଲୁଅଛି । ୨୦ ନଭେମ୍ବର ୨୦୧୭ରେ ଆରମ୍ଭ ହୋଇଥିବା ଏହି ଯୋଜନା ହେଉଛି ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ସହରର ପ୍ରତିଟି ଲୋକଙ୍କ ପାଖରେ ସୁରକ୍ଷିତ ପାନୀୟ ଜଳ ପହଞ୍ଚାଇବା ।

ଏହି ଯୋଜନାରେ ମୁଖ୍ୟତଃ ଏହି କାମଗୁଡ଼ିକ ଉପରେ ଧ୍ୟାନ ଦିଆଯାଉଛି:

(କ) ସମାନ ଭାବେ ଜଳ ବଣ୍ଟନ: ପଛୁଆ ଅଞ୍ଚଳ ସମେତ ସମସ୍ତ ପରିବାର ଯେପରି ସମାନ ଭାବେ ଏବଂ ପର୍ଯ୍ୟାପ୍ତ ପରିମାଣର ଜଳ ପାଇବେ, ତାହା ନିଶ୍ଚିତ କରିବା ।

(ଖ) ଜଳ ଅପଚୟ ରୋକିବା: ପାଇପ୍ ଲିକ୍ ହେବା କିମ୍ବା ବେଆଇନ ସଂଯୋଗ ଯୋଗୁଁ ହେଉଥିବା ଜଳ ନଷ୍ଟକୁ କମାଇ ଜଳ ଯୋଗାଣ ବ୍ୟବସ୍ଥାରେ ସୁଧାର ଆଣିବ

(ଗ) ଜଳର ମାନ ପରୀକ୍ଷା: ସୁରକ୍ଷିତ ଜଳ ଯୋଗାଣ ପାଇଁ ନିୟମିତ ଭାବେ ପାଣିର ଗୁଣବତ୍ତା ଯାଞ୍ଚ କରିବା ।

(ଘ) ରକ୍ଷଣାବେକ୍ଷଣ ପାଇଁ ଆର୍ଥିକ ବ୍ୟବସ୍ଥା: ଯୋଜନାକୁ ଚଳାଇବା ଏବଂ ଭିତ୍ତିଭୂମିର ମରାମତି ପାଇଁ ଏକ ସ୍ଥାୟୀ ଆର୍ଥିକ ମଡେଲ୍ ପ୍ରସ୍ତୁତ କରିବା ।

ବସୁଧା: ସମସ୍ତଙ୍କ ପାଇଁ ସୁରକ୍ଷିତ ପାନୀୟ ଜଳର ସୁନିଶ୍ଚିତତା

ମୁଖ୍ୟ ସଫଳତା:

- ପିଏଚ୍ଇଓ (PHEO) ଅଧୀନରେ ଥିବା ୮୬ଟି ସହରାଞ୍ଚଳ ମଧ୍ୟରୁ ୮୫ଟିରେ (୯୯%) ପ୍ରତିଟି ଘରକୁ ଜଳ ସଂଯୋଗ ଦିଆଯାଇଛି । ରେମୁଣା ଏନଏସିରେ କାମ ଚାଲୁଅଛି ଏବଂ ଏହା ଖୁବ୍ ଶୀଘ୍ର ଶେଷ ହେବ ।
- ଧାର୍ଯ୍ୟ କରାଯାଇଥିବା ୪.୨୨ ଲକ୍ଷ ପରିବାର ମଧ୍ୟରୁ ୪.୧୮ ଲକ୍ଷ ପରିବାରକୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି ।
- ପିଏଚ୍ଇଓ ଅଧୀନରେ ଥିବା ୭୮% ପରିବାରକୁ ମିଟର ସଂଯୋଗ ଦିଆଯାଇଛି, ଯାହାଦ୍ୱାରା ଜଳର ସଠିକ୍ ବ୍ୟବହାର ହେଉଛି ଏବଂ ଅପଚୟ କମିଛି ।
- ଏହି ଯୋଜନାରେ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୬୫୧.୫୨ କୋଟି ଟଙ୍କାର ୫୪୪ଟି ନୂତନ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି । ଏହା ସହିତ ପୂର୍ବରୁ ବାକି ଥିବା ୧୪୭.୧୮ କୋଟି ଟଙ୍କାର ୨୦୫ଟି ପ୍ରକଳ୍ପର କାମ ମଧ୍ୟ ଚାଲୁରହିଛି ।

ବର୍ତ୍ତମାନ ମୋଟ ୭୪୯ଟି ପ୍ରକଳ୍ପ ବିଭିନ୍ନ ପର୍ଯ୍ୟାୟରେ ରହିଛି, ଯେପରିକି:

- ୩୩୧ଟି ପ୍ରକଳ୍ପର କାମ ଶେଷ ହୋଇଛି ।
- ୧୮୯ଟି ପ୍ରକଳ୍ପର କାମ ଚାଲୁରହିଛି ।
- ୧୪୯ଟି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଛି ।
- ୮୦ଟି ପ୍ରକଳ୍ପର ରିପୋର୍ଟ (DPR) ଅନୁମୋଦନ ଅପେକ୍ଷାରେ ଅଛି ।



ପ୍ରତିଟି ପରିବାର ପାଇଁ ବିଶୁଦ୍ଧ ପାନୀୟ ଜଳର ଯୋଗାଣ ସୁନିଶ୍ଚିତ ହେଉଛି

ଏହା ବ୍ୟତୀତ, ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ୯ଟି ସହରାଞ୍ଚଳ **(ବାଲୁଗାଁ, ଓଡ଼ଗାଁ, ଆଠଗଡ଼, ବାଙ୍କୀ, ଚୌଦ୍ୱାର, କୋରାପୁଟ, ସୁନାବେଡ଼ା, କୋଟପାଡ଼ ଏବଂ ବାଲିମେଳା)** ରେ ୨୪x୭ ଜଳ ଯୋଗାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ୨୦୨୫-୨୬ ବାର୍ଷିକ କାର୍ଯ୍ୟ ଯୋଜନାରେ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିଛି ଏବଂ ବର୍ତ୍ତମାନ ଏଗୁଡ଼ିକ କାର୍ଯ୍ୟକାରୀ ହେବାର ବିଭିନ୍ନ ପର୍ଯ୍ୟାୟରେ ରହିଛି ।

ସେହିପରି, ଅନ୍ୟ ସମସ୍ତ ପ୍ରକଳ୍ପଗୁଡ଼ିକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି ଯେପରି ସହରାଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଜଳ ଏବଂ ସଠିକ୍ ଚାପ (Pressure) ବଜାୟ୍ ରହିବ, ଯାହାଦ୍ୱାରା ଭବିଷ୍ୟତରେ ଏହି ସବୁ ସ୍ଥାନରେ ମଧ୍ୟ ୨୪ ଘଣ୍ଟିଆ ନିରନ୍ତର ଜଳ ଯୋଗାଣ ସହଜରେ ହୋଇପାରିବ ।

Project Status under BASUDA (FY 2025–26)

Total Project - 749



ଗ) ଅମୃତ 9.0 (AMRUT 2.0):

ଅମୃତ 9.0 (ଅଟଳ ମିଶନ ଫର୍ ରିଜୁଭେନେସନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେସନ) ମୁଖ୍ୟତଃ ସହରାଞ୍ଚଳର ଜଳ ଯୋଗାଣ ଏବଂ ବର୍ଜ୍ୟ ଜଳ (wastewater) ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଏ । ଏହାର ମୂଳ ଲକ୍ଷ୍ୟ ହେଉଛି ଜଳର ଉତ୍ସଗୁଡ଼ିକୁ ସୁରକ୍ଷିତ ରଖିବା, ବିଶୋଧନ କ୍ଷମତା ବଢ଼ାଇବା, ପାଇପ୍ ନେଟୱାର୍କକୁ ମଜବୁତ କରିବା ଏବଂ ସହରର ପ୍ରତିଟି ଘରକୁ ଜଳ ସଂଯୋଗ ଦେବା ସହିତ ସହରାଞ୍ଚଳରେ ଥିବା ଜଳାଶୟଗୁଡ଼ିକର ପୁନରୁଦ୍ଧାର କରିବା ।

ଏହି କାର୍ଯ୍ୟକ୍ରମ ଅଧୀନରେ ୬୦ଟି ସହରାଞ୍ଚଳ ପାଇଁ ୧,୭୯୦.୭୭ କୋଟି ଟଙ୍କା ବ୍ୟୟରେ ୧୦୦ଟି ବଡ଼ ଜଳ ଯୋଗାଣ ପ୍ରକଳ୍ପ ଅନୁମୋଦିତ ହୋଇଛି ।

ଏହି ପ୍ରକଳ୍ପଗୁଡ଼ିକ ତିନୋଟି ପର୍ଯ୍ୟାୟରେ ମଞ୍ଜୁର କରାଯାଇଛି:

- SWAP-I (ମାର୍ଚ୍ଚ 9099)
- SWAP-II (ଜାନୁଆରୀ 909୩)
- SWAP-III (ଫେବୃଆରୀ 909୪)

ଅମୃତ 9.0 ଅଧୀନରେ ଏକ ସ୍ୱଚ୍ଛ ଏବଂ ସୁଦୂରପ୍ରସାରୀ ଭବିଷ୍ୟତ ପାଇଁ ସହରାଞ୍ଚଳ ଜଳାଶୟଗୁଡ଼ିକର ପୁନରୁଦ୍ଧାର

ବର୍ତ୍ତମାନର ଅଗ୍ରଗତି:

ଅମୃତ ୨.୦ର ବିଭିନ୍ନ ଉପ-ଯୋଜନା ଅଧୀନରେ ୮୫ଟି ସହରାଞ୍ଚଳରେ ୪୦୩୬.୭୮ କୋଟି ଟଙ୍କା ବ୍ୟୟରେ ମୋଟ ୫୨୧ଟି ପ୍ରକଳ୍ପ ହାତକୁ ନିଆଯାଇଛି

ଏଥିରେ ୨୧୨ଟି ଜଳ ଯୋଗାଣ ପ୍ରକଳ୍ପ ସମେତ ୧୩୩ଟି ଜଳାଶୟର ପୁନରୁଦ୍ଧାର, ୧୨୦ଟି ଅମୃତ ମିତ୍ର ପ୍ରକଳ୍ପ ଏବଂ ୫୬ଟି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଅଛି । ବର୍ତ୍ତମାନ ସୁଦ୍ଧା ମୋଟ ୮୭ଟି ପ୍ରକଳ୍ପର କାମ ସରିଥିବା ବେଳେ ସେଥିମଧ୍ୟରେ ୭୫ଟି ଜଳ ଯୋଗାଣ ଏବଂ ୧୨ଟି ଜଳାଶୟ ପୁନରୁଦ୍ଧାର ପ୍ରକଳ୍ପ ରହିଛି ।

ଅବଶିଷ୍ଟ ୪୧୪ଟି ପ୍ରକଳ୍ପ ମଧ୍ୟରୁ ୬୮୪.୬୦ କୋଟି ଟଙ୍କାର ୪୦ଟି ପ୍ରକଳ୍ପର କାମ ପ୍ରାୟ ୯୦% ଶେଷ ହୋଇଛି ଏବଂ ଅନ୍ୟ ୫୫ଟି ପ୍ରକଳ୍ପ ୨୦୨୫-୨୬ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରଖାଯାଇଛି । ବାକି ୨୦ଟି ପ୍ରକଳ୍ପ ଏବେ ଟେଣ୍ଡର ଏବଂ ଡିପିଆର ପର୍ଯ୍ୟାୟରେ ଥିବା ବେଳେ 'ଜଳ ହିଁ ଅମୃତ' ଅଭିଯାନରେ ୧୦ଟି ବ୍ୟବହୃତ ଜଳ ବିଶୋଧନ ପ୍ଲାଣ୍ଟ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି ।

ଏହାବ୍ୟତୀତ, କଟକ ମହାନଗର ନିଗମକୁ ଜଳ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ୧୦ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି ।

ସୁଜଳ ଏବଂ ଅମୃତ ୨.୦ ର ମିଳିତ ପ୍ରୟାସରେ ରାଜ୍ୟର ସମସ୍ତ ସହରବାସୀ ଉପକୃତ ହେବେ। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ଲୋକମାନେ ଉଚ୍ଚ ଚାପରେ ସୁରକ୍ଷିତ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ, ଯାହା ସେମାନଙ୍କ ଜୀବନଧାରଣର ମାନ ଏବଂ ସାମଗ୍ରିକ ଜନସ୍ୱାସ୍ଥ୍ୟରେ ବଡ଼ ଧରଣର ପରିବର୍ତ୍ତନ ଆଣିବ ।

ଓଡ଼ିଶା ସହରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଭିତ୍ତିଭୂମିର ସୁଦୃଢ଼ୀକରଣ

ପୁରସ୍କାର ଏବଂ ସମ୍ମାନ:

- ଜଳର ଗୁଣବତ୍ତା ତଥ୍ୟ ସଂଗ୍ରହ ଏବଂ ତଦାରଖ ବ୍ୟବସ୍ଥା ପାଇଁ ଜାତୀୟ ସ୍ତରର ଇ-ଗଭର୍ଣ୍ଣାନ୍ସ ପୁରସ୍କାର – "ଟେକ୍ନୋଲୋଜି ସଭା ଆୱାର୍ଡ ୨୦୨୫"।
- ୨୦୨୩ ମସିହାରେ IWWA ର ୫୫ତମ ବାର୍ଷିକ ସମ୍ମିଳନୀ ଅବସରରେ "ଇଣ୍ଡିଆନ୍ ୱାଟର ୱାର୍କସ ଆସୋସିଏସନ ଆୱାର୍ଡ"।
- ୨୦୨୩ ମସିହାରେ "ଗୋଲ୍ଡେନ ପିକକ୍ ଇନୋଭେସନ ମ୍ୟାନେଜମେଣ୍ଟ ଆୱାର୍ଡ"।
- ଗ୍ଲୋବାଲ ୱାଟର ଲିଡର ଆୱାର୍ଡ, ସ୍ପେନ୍, ୨୦୨୨।
- ଆଇଏସସି-ଫିକ୍କି (ISC-FICCI) ସାନିଟେସନ ଆୱାର୍ଡ, ୨୦୨୧।
- ୨୦୨୦ ମସିହାରେ ସ୍ମାର୍ଟ ଜଳ ପରିଚାଳନା ବ୍ୟବସ୍ଥା ଏବଂ "ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍" ଗୁଣବତ୍ତା ନିଶ୍ଚିତ କରିବା ପାଇଁ ୧୮ତମ "ସିଏସଆଇ (CSI) ଇ-ଗଭର୍ଣ୍ଣାନ୍ସ ଆୱାର୍ଡ"।

ପ୍ରତିଟି ପରିବାର ପାଇଁ ନିରାପଦ ଏବଂ ଭରସାଯୋଗ୍ୟ ପାନୀୟ ଜଳ ସୁନିଶ୍ଚିତ କରିଛନ୍ତି 'ଜଳସାଥୀ'

ଅଧ୍ୟାୟ ୨ :

ପରିମଳ ବ୍ୟବସ୍ଥା (SANITATION)

ସହରାଞ୍ଚଳ ପରିମଳ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମଗ୍ର ସହରାଞ୍ଚଳ ଓଡ଼ିଶାକୁ 'ଆବର୍ଜନା ମୁକ୍ତ' କରିବା, ଯାହାଦ୍ୱାରା ସହରଗୁଡ଼ିକର ବାସୋପଯୋଗୀ ପରିବେଶ ଏବଂ ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆସିପାରିବ। ଏହା ନିମ୍ନଲିଖିତ ମାଧ୍ୟମରେ କରାଯାଉଛି:

- କ) ଆବର୍ଜନାର ସମ୍ପୂର୍ଣ୍ଣ (End to end) ପରିଚାଳନା
- ଖ) ୩-ଆର୍ (3R - Recycle, Reduce, Reuse) ନୀତି ଆପଣେଇବା
- ଗ) ଗୋଷ୍ଠୀ ସହଭାଗୀମାନଙ୍କୁ କ୍ଷୁଦ୍ର ଉଦ୍ୟୋଗୀ ଭାବେ ଗଢ଼ିତୋଳିବା

ଏହା ସହିତ, ବିଶ୍ୱସ୍ତରୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆବର୍ଜନା ହ୍ରାସ କରିବା ପାଇଁ 'ବର୍ଜ୍ୟରୁ ସମ୍ପଦ' (Waste to Wealth) ଆଭିମୁଖ୍ୟ ମାଧ୍ୟମରେ ରାଜ୍ୟର ପୁନଃଚକ୍ରଣ ଏବଂ କଠିନ ଆବର୍ଜନା ପ୍ରକ୍ରିୟାକରଣ କ୍ଷମତାର ବିକେନ୍ଦ୍ରୀକରଣ କରିବା ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ।

କ) ସ୍ୱଚ୍ଛ ଭାରତ ମିଶନ (SBM)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ସାରା ଦେଶରେ ସ୍ୱଚ୍ଛତା, ସଠିକ୍ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିମଳ ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ 'ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ)' ଆରମ୍ଭ କରାଯାଇଥିଲା । ଏହି ମିଶନର ପ୍ରଥମ ପର୍ଯ୍ୟାୟର ସଫଳତାକୁ ବଜାୟ ରଖିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ୧ ଅକ୍ଟୋବର, ୨୦୨୧ରେ ଦ୍ୱିତୀୟ ପର୍ଯ୍ୟାୟ ବା 'ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ୨.୦' ର ଶୁଭାରମ୍ଭ କରିଥିଲେ । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସହରାଞ୍ଚଳ ପରିମଳ ପାଇଁ ଏକ ସ୍ଥାୟୀ ବ୍ୟବସ୍ଥା ଗଢ଼ିବା, କଠିନ ଓ ତରଳ ବର୍ଜ୍ୟବସ୍ତୁର ବୈଜ୍ଞାନିକ ପରିଚାଳନା କରିବା ଏବଂ ଶିକ୍ଷା ତଥା ଦକ୍ଷତା ବିକାଶ ମାଧ୍ୟମରେ ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବା । ଏହି ଅଭିଯାନରେ ଶୌଚାଳୟ ନିର୍ମାଣ, ବୈଜ୍ଞାନିକ ପ୍ରଣାଳୀରେ ବର୍ଜ୍ୟ ପରିଚାଳନା ଏବଂ ପରିମଳ କ୍ଷେତ୍ରରେ ଜଡ଼ିତ ସମସ୍ତଙ୍କ ଦକ୍ଷତା ବୃଦ୍ଧି ଉପରେ ସାମଗ୍ରିକ ଭାବେ ଗୁରୁତ୍ୱ ଦିଆଯାଇଛି ।

୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ୨.୦' କୁ କାର୍ଯ୍ୟକାରୀ କରିବା ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ବିକେନ୍ଦ୍ରୀକରଣ ଆଭିମୁଖ୍ୟ ଗ୍ରହଣ କରାଯାଇ ବିଭିନ୍ନ ସ୍ଥାନରେ 'ୱେଲଥ୍ ସେଣ୍ଟର' (Wealth Centers), ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (MCC) ଏବଂ ମ୍ୟାଟେରିଆଲ୍ ରିକଭରି ଫାସିଲିଟି (MRF) ସ୍ଥାପନ କରାଯାଇଛି । ଓଦା ଏବଂ ଶୁଖିଲା

କ୍ଷେତ୍ର ପରିଦର୍ଶନ ସମୟରେ ମହିଳା ସଫେଇ କର୍ମଚାରୀମାନଙ୍କ ସହ ବାର୍ତ୍ତାଳାପ କରୁଛନ୍ତି ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର

ଗୋଷ୍ଠୀ ଶୌଚାଳୟ, ସର୍ବସାଧାରଣ ଏବଂ ଆସ୍ପିରେସନାଲ୍ ସର୍ବସାଧାରଣ ଶୌଚାଳୟ ଏବଂ ପରିସ୍ରାଗାର	୨୦୩୨ ବ୍ଲକ୍ (୧୧,୫୫୩ ସିଟ୍)
ବ୍ୟକ୍ତିଗତ ପାରିବାରିକ ଶୌଚାଳୟ (IHHL)	1,66,418 ୟୁନିଟ୍
ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (MCC)	୨୭୬ (୧,୩୦୮.୫ ଟି.ପି.ଡି.)
ପୁରୁଣା ଆବର୍ଜନା କୁଢ଼ର ବାୟୋ-ରେମିଡିଏସନ୍	୨୬.୨୩ ଲକ୍ଷ ମେଟ୍ରିକ୍ ଟନ୍ (୬୦%)
ମ୍ୟାଟେରିଆଲ୍ ରିକଭରି ଫ୍ୟାସିଲିଟି (MRF)	୨୩୫ (୨,୫୫୦ ଟି.ପି.ଡି.)

ଆବର୍ଜନାର ପ୍ରକ୍ରିୟାକରଣ କ୍ଷେତ୍ରରେ ଏହି କେନ୍ଦ୍ରଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ରାଜ୍ୟର ସାମଗ୍ରିକ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରୁଛନ୍ତି ।

ସଫେଇ ଅଭିଯାନରେ ସାମିଲ ହୋଇ ଶ୍ରମଦାନ କଲେ ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର

ଚଳିତ ବର୍ଷ ଡିସେମ୍ବର ୨୫ ତାରିଖ ସୁଦ୍ଧା ୧,୨୬୫ଟି ବ୍ୟକ୍ତିଗତ ପାରିବାରିକ ଶୌଚାଳୟ (IHHL) ନିର୍ମାଣ ଶେଷ ହୋଇଛି, ଯାହାକୁ ମିଶାଇ ରାଜ୍ୟରେ ଏପର୍ଯ୍ୟନ୍ତ ମୋଟ ୧,୬୬,୪୧୮ଟି ଏଭଳି ଶୌଚାଳୟ ତିଆରି ହୋଇସାରିଛି । ଏହା ସହିତ ୧୫ଟି ବ୍ଲକ୍ (୧୫୩ ସିଟ୍) ବିଶିଷ୍ଟ ଗୋଷ୍ଠୀ ଓ ସର୍ବସାଧାରଣ ଶୌଚାଳୟ ଏବଂ ୨ଟି ବ୍ଲକ୍ (୭ ସିଟ୍) ବିଶିଷ୍ଟ ପରିସ୍ରାଗାର ନିର୍ମାଣ କରାଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଶୌଚାଳୟ ବ୍ଲକ୍ ସଂଖ୍ୟା ୨,୦୩୨ (୧୧,୫୬୩ ସିଟ୍) ରେ ପହଞ୍ଚିଛି । ରାଜ୍ୟର ସହରାଞ୍ଚଳଗୁଡ଼ିକରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ପଦକ୍ଷେପଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

'ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪' ଅନୁସାରେ, ରାଜ୍ୟର ୧୧୫ଟି ସହରାଞ୍ଚଳ (ULBs) ମଧ୍ୟରୁ ୩ଟିକୁ 'ୱାଟର ପ୍ଲସ୍' (Water Plus) ପ୍ରମାଣପତ୍ର ମିଳିଥିବା ବେଳେ ୫୫ଟିକୁ ODF++, ୧୦ଟିକୁ ODF+ ଏବଂ ୪୬ଟି ସହରାଞ୍ଚଳକୁ ODF ମାନ୍ୟତା ମିଳିଛି । ସେହିପରି 'ଆବର୍ଜନା ମୁକ୍ତ ସହର' (GFC) ବର୍ଗରେ ୧୧ଟି ସହରାଞ୍ଚଳକୁ '୩-ଷ୍ଟାର୍' ଏବଂ ୧୯ଟି ସହରାଞ୍ଚଳକୁ '୧-ଷ୍ଟାର୍' ମାନ୍ୟତା ପ୍ରଦାନ କରାଯାଇଛି । ଏହା ବ୍ୟତୀତ, ଜାତୀୟ ନିର୍ମଳ ବାୟୁ କାର୍ଯ୍ୟକ୍ରମ (NCAP) ଅଧୀନରେ ହୋଇଥିବା 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ୨୦୨୫'ରେ, ୩ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ଅନୁଗୋଳ ପୌରପାଳିକା ଜାତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି ।

ଆବର୍ଜନା ପରିଚାଳନା ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା ତାର କାର୍ଯ୍ୟକୁ ଆହୁରି ବ୍ୟାପକ କରିଛି । ରାଜ୍ୟରେ ୧୪ଟି ନୂଆ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (MCC) ଏବଂ ୧୩ଟି ମ୍ୟାଟେରିଆଲ୍ ରିକଭରି ଫାସିଲିଟି (MRF) ପ୍ରତିଷ୍ଠା କରାଯାଇଛି । ଏହାକୁ ମିଶାଇ ଏବେ ସାରା ରାଜ୍ୟରେ ମୋଟ ୨୭୬ଟି MCC ଏବଂ ୨୩୫ଟି MRF କାର୍ଯ୍ୟ କରୁଛି । ସହରଗୁଡ଼ିକରୁ ଆବର୍ଜନା ସଂଗ୍ରହ କାମକୁ ଅଧିକ ସହଜ କରିବା ପାଇଁ ସରକାର ୮୧୯ଟି ବ୍ୟାଟେରୀ ଚାଳିତ ଗାଡ଼ି ଏବଂ ୧୪୫୨ଟି ହାଲୁକା ମାଲବାହୀ ଗାଡ଼ି (Light Commercial Vehicles) ଯୋଗାଇ ଦେଇଛନ୍ତି । ବିଶେଷ କରି, ପୁରୁଣା ଆବର୍ଜନା ପାହାଡ଼ ବା 'ଲେଗାସି ୱେଷ୍ଟ'ର ସଫା କରିବା ଦିଗରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ପାଇଛି; ଚିହ୍ନଟ ହୋଇଥିବା ୪୩.୪୬ ଲକ୍ଷ ମେଟ୍ରିକ୍ ଟନ୍ ଆବର୍ଜନା ମଧ୍ୟରୁ ପ୍ରାୟ ୨୬.୨୩ ଲକ୍ଷ ମେଟ୍ରିକ୍ ଟନ୍ (୬୦%) ଆବର୍ଜନାର ବୈଜ୍ଞାନିକ ପଦ୍ଧତିରେ (Bio-remediation) ସମାଧାନ କରାଯାଇଛି ।

ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ବା ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ କଟକଣାକୁ ଅଧିକ କଡ଼ାକଡ଼ି କରାଯାଇଛି । ଏହି ନିୟମ ଉଲ୍ଲଂଘନକାରୀଙ୍କଠାରୁ ୨୭.୬୬ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯିବା ସହ ୪୮.୧୪ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଜବତ କରାଯାଇଛି । ଓଡ଼ିଶା ସରକାର 'ସର୍କୁଲାର୍ ଇକୋନୋମି' (Circular Economy) ନୀତିକୁ ଆଗକୁ ବଢ଼ାଇ ଖତ ବିକ୍ରି ମାଧ୍ୟମରେ ମଧ୍ୟ ରାଜସ୍ୱ ଆଦାୟ କରୁଛନ୍ତି ।

ଅଧିକ ଚଳପ୍ରଚଳ ସ୍ଥାନଗୁଡ଼ିକରେ "ମୋ ଖତ" ବିକ୍ରି କରିବା ପାଇଁ ଏକ ନୂଆ ପଦକ୍ଷେପ ସ୍ୱରୂପ 'ମୋବାଇଲ୍ କିଓସ୍କ' (Mobile Kiosk) ଆରମ୍ଭ କରାଯାଇଛି । ଏହି କେନ୍ଦ୍ରଗୁଡ଼ିକୁ ବ୍ୟବସ୍ଥିତ ଭାବେ ଏଭଳି ସ୍ଥାନରେ ରଖାଯାଉଛି ଯେପରି ଲୋକମାନେ ସହଜରେ ଜୈବିକ ଖତ ପାଇପାରିବେ । ବର୍ତ୍ତମାନ ସୁଦ୍ଧା ୩,୦୯୬ ମେଟ୍ରିକ୍ ଟନ୍ "ମୋ ଖତ" ବିକ୍ରି କରି ୬୭.୮୨ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ପରିମଳ ସେବା ଦେୟ (User fees) ବାବଦକୁ ୯.୭୬ କୋଟି ଟଙ୍କା ସଂଗୃହିତ ହୋଇଛି ।

ତୃଣମୂଳ ସ୍ତରରେ ପରିମଳ ସଚେତନତା ସୃଷ୍ଟି କରିବା ସହ ବର୍ଜ୍ୟବସ୍ତୁ ପରିଚାଳନାକୁ ଅଧିକ ସୁଦୃଢ଼ କରାଯାଉଛି

ଏହି ସମସ୍ତ ପ୍ରୟାସରେ ସମାଜର ସବୁ ବର୍ଗଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ୨,୮୮୦ଟି ସ୍ୱୟଂ ସହାୟକ ଗୋଷ୍ଠୀର (SHG) ପ୍ରାୟ ୬,୦୫୬ ଜଣ ମହିଳା ଏବଂ ତୃତୀୟ ଲିଙ୍ଗି (Transgender), ପରିମଳ ବ୍ୟବସ୍ଥାରେ ଜଡ଼ିତ ପ୍ରମୁଖ ସଦସ୍ୟ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ଭାହ କରୁଛନ୍ତି । ସମସ୍ତଙ୍କୁ ସମାନ ସୁଯୋଗ ଏବଂ ଅଧିକାର ଦେବା ପାଇଁ ସରକାରଙ୍କ ଯେଉଁ ପ୍ରତିବଦ୍ଧତା ରହିଛି, ଏହା ତା'ର ଏକ ପ୍ରତିଫଳନ ।

ଓଡ଼ିଶାର ଏହି ପଦକ୍ଷେପଗୁଡ଼ିକ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି । ଆସିକା ଏନଏସି (NAC) ଏବଂ ଚିକିଟି ଏନଏସି ସେମାନଙ୍କ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ 'ସ୍ୱଚ୍ଛ ସହର' ଭାବେ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (BMC) ୯ମ ସ୍ଥାନ ଅଧିକାର କରିବା ସହ ଓଡ଼ିଶାର 'ଆଶାଜନକ ସ୍ୱଚ୍ଛ ସହର' (Promising Swachh Sehar) ପୁରସ୍କାର ପାଇଛି ।

ଏହା ସହିତ, ରାଜ୍ୟର ୧୧୪ଟି ସହରାଞ୍ଚଳକୁ ଓଡ଼ିଏଫ୍ (ODF) ପ୍ରମାଣପତ୍ର ମିଳିଛି । ଅନ୍ୟପଟେ ଭୁବନେଶ୍ୱର

ମହାନଗର ନିଗମ, କଟକ ମହାନଗର ନିଗମ ଏବଂ ପୁରୀ ପୌରପାଳିକା ସମ୍ମାନଜନକ 'ୱାଟର ପ୍ଲସ୍' (Water Plus) ମାନ୍ୟତା ହାସଲ କରିଛନ୍ତି । ଏହାଛଡ଼ା, ୩୦ଟି ସହରାଞ୍ଚଳକୁ ଜିଏଫସି (GFC) ଷ୍ଟାର୍ ରେଟିଂ ମିଳିଛି, ଯାହା ପରିମଳ ଏବଂ ସ୍ୱଚ୍ଛତା ପ୍ରତି ରାଜ୍ୟର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଖ) ସ୍ୱଚ୍ଛ ଓଡ଼ିଶା (ରାଜ୍ୟସ୍ତରୀୟ ଯୋଜନା)

ସ୍ୱଚ୍ଛ ଓଡ଼ିଶା ହେଉଛି ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଆରମ୍ଭ ହୋଇଥିବା ଏକ ନୂତନ ରାଜ୍ୟସ୍ତରୀୟ ଯୋଜନା, ଯାହାର ଲକ୍ଷ୍ୟ ହେଉଛି ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା । ସ୍ୱଚ୍ଛ ଭାରତ ମିଶନରେ ରହିଯାଇଥିବା ଆବଶ୍ୟକତାକୁ ପୂରଣ କରି ସାରା ରାଜ୍ୟରେ ସହରଗୁଡ଼ିକୁ ସ୍ୱଚ୍ଛ ରଖିବା ପାଇଁ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି, ତାହା ନିଶ୍ଚିତ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।

କଠିନ ବର୍ଜ୍ୟବସ୍ତୁ ପରିଚାଳନା

ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ୧୧୫ଟି ପୌରସଂସ୍ଥା (ULB) କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବିଭିନ୍ନ କାର୍ଯ୍ୟ ପାଇଁ ବର୍ତ୍ତମାନ ସୁଦ୍ଧା ମୋଟ ୧୪୮.୧୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଅର୍ଥରାଶିକୁ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା, ଘର ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ, ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ, ପୁରାତନ ବର୍ଜ୍ୟବସ୍ତୁର ନିଷ୍କାସନ(remediation of legacy waste), ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା, ନିର୍ମାଣ ଓ ଭଗ୍ନାବଶେଷ(C&D) ବର୍ଜ୍ୟ ପରିଚାଳନା ଏବଂ ଘରୋଇ ବିପଦ୍ଜନକ ବର୍ଜ୍ୟବସ୍ତୁର ପରିଚାଳନା ଆଦି ଅନ୍ତର୍ଭୁକ୍ତ ।

ତରଳ ବର୍ଜ୍ୟବସ୍ତୁ ପରିଚାଳନା

୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ସହରାଞ୍ଚଳ ସଂସ୍ଥା (ULB) କିମ୍ବା OWSSB କୁ ଏପର୍ଯ୍ୟନ୍ତ ୭୩.୦୫ କୋଟି ଟଙ୍କା ଦିଆଯାଇଛି । ଏହି ଟଙ୍କାକୁ FSTP 9.0, FSTP ଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଗ୍ରେ-ୱାଟର ପରିଚାଳନାରେ ବ୍ୟବହାର କରାଯାଉଛି ।

ସ୍ୱଚ୍ଛ ଓଡ଼ିଶା ଅଧୀନରେ ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା

ସ୍ୱଚ୍ଛ ଓଡ଼ିଶା ମାଧ୍ୟମରେ ସହରାଞ୍ଚଳର ତରଳ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା

ଏହି ଯୋଜନାରେ ମୁଖ୍ୟତଃ ଦୁଇଟି ଭାଗ ରହିଛି:

ମଳ ପଙ୍କ ଏବଂ ସେପ୍ଟେଜ ପରିଚାଳନା (FSSM):

ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଗୋଷ୍ଠୀ-ଭିତ୍ତିକ ସହାୟତାରେ ମଳ ପଙ୍କର (faecal sludge) ସୁରକ୍ଷିତ ପ୍ରକ୍ରିୟାକରଣ ଏବଂ ନିଷ୍କାସନ ପାଇଁ ଏକ ବିକେନ୍ଦ୍ରୀକୃତ ବ୍ୟବସ୍ଥା ପ୍ରସ୍ତୁତ କରିବା । ଜଳ ପ୍ରଦୂଷଣ ରୋକିବା ଏବଂ ରାଜ୍ୟର ସମସ୍ତ ୧୧୫ଟି ସହରାଞ୍ଚଳ ସଂସ୍ଥାରେ 'ବ୍ଲାକ-ୱାଟର' (black-water) ର ସ୍ଥାୟୀ ପରିଚାଳନା ପାଇଁ ଏହା ଅତି ଜରୁରୀ । ଏଥିପାଇଁ ଏକ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି, ଯେଉଁଥିରେ ମୋଟ 9,0୮୭ KLD ପ୍ରକ୍ରିୟାକରଣ କ୍ଷମତା ବିଶିଷ୍ଟ ୧୨୦ଟି ମଳ ପଙ୍କ ପ୍ରକ୍ରିୟାକରଣ କେନ୍ଦ୍ର (FSTP) ପ୍ରତିଷ୍ଠା କରାଯାଇଛି । ଏହି ସମସ୍ତ କେନ୍ଦ୍ର ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି ଏବଂ ମଳ ପଙ୍କ ପରିଚାଳନା କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହି ଯୋଜନାର ଅନ୍ୟ ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତରଳ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ବିକଶିତ କରିବା, ଯାହା ସୁରକ୍ଷିତ ପ୍ରକ୍ରିୟାକରଣ ପରେ ବାହାରୁଥିବା ବର୍ଜ୍ୟଜଳ ଏବଂ ବର୍ଜ୍ୟବସ୍ତୁର (bio-solids) ପୁନଃବ୍ୟବହାରକୁ ପ୍ରୋତ୍ସାହନ ଦେବା ଏହା ସହିତ, ଏହି ଯୋଜନାରେ ନୂତନ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି, ଯାହା ପରିବେଶକୁ ସୁରକ୍ଷିତ ରଖିବା ସହିତ ସ୍ଥାନୀୟ ସମ୍ବଳର ସଠିକ୍ ବ୍ୟବହାର କରି ଜୀବିକା ନିର୍ବାହ ବା ରୋଜଗାରର ସୁଯୋଗ ସୃଷ୍ଟି କରିବ ।

ଏଫ୍‌ଏସ୍‌ଏସ୍‌ଏମ୍ (FSSM) ଅଧୀନରେ ମଳ ବର୍ଜ୍ୟବସ୍ତୁ ପରିଚାଳନା ଓ ବିଶୋଧନ କାର୍ଯ୍ୟ

FSTP 9.0 ଯୋଜନା ଅଧୀନରେ ମଳ ପଙ୍କ ପରିଚାଳନା (FSSM) ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ଭିତ୍ତିଭୂମିର ଉନ୍ନତିକରଣ କରାଯାଉଛି । ଏଥିରେ ପ୍ରଶାସନିକ ଭବନର ସମ୍ପ୍ରସାରଣ, ଜ୍ଞାନ କେନ୍ଦ୍ର (Knowledge Centers), ସଭାଗୃହ ଏବଂ ଶୌଚାଳୟ ସହିତ ବିଶ୍ରାମ କକ୍ଷ ଆଦି ନିର୍ମାଣ କରାଯାଉଛି । ବର୍ତ୍ତମାନ ସୁଦ୍ଧା ୪୯ଟି FSTP ରେ ଏହି କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗୋଟିଏ କେନ୍ଦ୍ରରେ କାମ ଶେଷ ପର୍ଯ୍ୟାୟରେ ଅଛି ଏବଂ ଅନ୍ୟ ୭୦ଟି କେନ୍ଦ୍ରରେ କାମ ଜାରି ରହିଛି, ଯାହା ଓଡ଼ିଶାରେ ଏହି ସୁଦୃଢ଼ ଭିତ୍ତିଭୂମିର ସଫଳତାକୁ ଦର୍ଶାଉଛି ।

ଏହି ପରିଚାଳନା ବ୍ୟବସ୍ଥାରେ ଗୋଷ୍ଠୀଗତ ସହଭାଗିତାକୁ ପ୍ରାଧାନ୍ୟ ଦିଆଯାଇଛି, ବିଶେଷ କରି FSTP ଗୁଡ଼ିକର ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଏବଂ ତୃତୀୟ ଲିଙ୍ଗୀ ଗୋଷ୍ଠୀଙ୍କୁ ହସ୍ତାନ୍ତର କରାଯାଇଛି । ରାଜ୍ୟର ୧୨୦ଟି FSTP ମଧ୍ୟରୁ ୧୧୯ଟି କେନ୍ଦ୍ର ବର୍ତ୍ତମାନ ଏହି ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି, ଯାହା ସାମାଜିକ ଅନ୍ତର୍ଭୁକ୍ତିକରଣ ଏବଂ ପଛୁଆ ବର୍ଗର ସଶକ୍ତିକରଣକୁ ପ୍ରୋତ୍ସାହନ ଦେଉଛି । ଏହି ପଦକ୍ଷେପ କେବଳ କାମର ଦକ୍ଷତା ବଢ଼ାଉନାହିଁ, ବରଂ ସ୍ୱଚ୍ଛତା ପରିଚାଳନାରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନିଜସ୍ୱ ଦାୟିତ୍ୱବୋଧ ମଧ୍ୟ ସୃଷ୍ଟି କରୁଛି ।

ସହରାଞ୍ଚଳ ପରିମଳ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେପ୍ଟେଜ୍ ବିଶୋଧନ ଭିତ୍ତିଭୂମି

ଗ୍ରେ-ୱାଟର (Greywater) ପରିଚାଳନା:

ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ଗ୍ରେ-ୱାଟର' ବା ବ୍ୟବହୃତ ଜଳର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଘରର ରୋଷେଇ ଘର ଓ ଗାଧୁଆ ଘର ଆଦିରୁ ବାହାରୁଥିବା ଅପରିଷ୍କାର ଜଳକୁ 'ଗ୍ରେ-ୱାଟର' କୁହାଯାଏ (ଯେଉଁଥିରେ ମଳ ମିଶି ନଥାଏ) । ଏହି ଜଳ ସାଧାରଣତଃ ନର୍ଦ୍ଦମା ଦେଇ ବାହାରି କୌଣସି ନଦୀ, ପୋଖରୀ କିମ୍ବା ଖୋଲା ପଡ଼ିଆକୁ ନିଷ୍କାସିତ ହୋଇଥାଏ ।

ଅନ୍ୟ ରାଜ୍ୟରେ ଏହି ନର୍ଦ୍ଦମା ଜଳକୁ ରୋକି (Interception) ଏବଂ ଅନ୍ୟ ପଥକୁ ବଦଳାଇ (Diversion) କିପରି ଏସଟିପି (STP) ମାଧ୍ୟମରେ ପ୍ରକ୍ରିୟାକରଣ କରାଯାଉଛି, ତାହାର ଅନୁଧ୍ୟାନ ପରେ ଓଡ଼ିଶାର ୧୧୦ଟି ପୌରସଂସ୍ଥାରେ (ଯେଉଁଠି ସେୱାରେଜ୍ ବ୍ୟବସ୍ଥା ନାହିଁ) ସମାନ ପ୍ରକ୍ରିୟା ଆପଣାଇବା ପାଇଁ ନୀତି ପ୍ରସ୍ତୁତ କରାଯାଇଛି ।

୨୦୨୫-୨୬ ଆର୍ଥିକ ବର୍ଷରେ 'ସ୍ୱଚ୍ଛ ଓଡ଼ିଶା' ଯୋଜନାର ତରଳ ବର୍ଜ୍ୟବସ୍ତୁ ପରିଚାଳନା ପାଣ୍ଠି ଏବଂ କେନ୍ଦ୍ର ସରକାରଙ୍କ SBM (Urban) 2.0 ଯୋଜନାର ଅର୍ଥ ବିନିଯୋଗ କରି ଏହି କାମ କରାଯିବ

ଏହି ବର୍ଜ୍ୟଜଳକୁ ପ୍ରକ୍ରିୟାକରଣ ବା ବିଶୋଧନ କରାଯିବା ପରେ ପରିବେଶକୁ କୌଣସି କ୍ଷତି ନପହଞ୍ଚାଇ ଖୋଲା ସ୍ଥାନ ବା ଜଳାଶୟକୁ ଛଡ଼ାଯାଇପାରିବ । ଏହା ସହିତ, ବିଶୁଦ୍ଧ ଜଳ ବଦଳରେ ଏହି ବିଶୋଧନ ହୋଇଥିବା ପାଣିକୁ କିପରି ବିଭିନ୍ନ ଉନ୍ନୟନମୂଳକ କାମ ବା ଦୈନନ୍ଦିନ କାର୍ଯ୍ୟରେ ପୁନଃବ୍ୟବହାର କରାଯାଇପାରିବ, ସେଥିପାଇଁ ଏକ ନୂତନ ନୀତି ପ୍ରଣୟନ କରିବାକୁ ଯୋଜନା ରହିଛି ।

ସହରାଞ୍ଚଳର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଗ୍ରେ-ୱାଟର ପରିଚାଳନାର ଅଭିନବ ସମାଧାନ

ସ୍ୱଚ୍ଛ ସହର ଗଠନ ନିମନ୍ତେ ନିରାପଦ ଏବଂ ଦକ୍ଷ ସେପ୍ଟେଜ୍ ପରିଚାଳନା

ଗ) ଗରିମା (GARIMA):

କୋର୍ ସାନିଟେସନ୍ ୱର୍କର (Core Sanitation Workers - CSW) ବା ପ୍ରମୁଖ ପରିମଳ କର୍ମଚାରୀମାନଙ୍କର ସୁରକ୍ଷା, ସମ୍ମାନ ଏବଂ ସାମାଜିକ-ଅର୍ଥନୈତିକ ଉନ୍ନତି ପାଇଁ 'ଗରିମା' ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ।

ଯେଉଁ ପରିମଳ କର୍ମଚାରୀମାନେ ନିଜ କାମ ପାଇଁ ବିପଜ୍ଜନକ ମଳ ଓ ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ଆସନ୍ତି, ସେମାନଙ୍କୁ ସହାୟତା କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ । ଏହା ରାଜ୍ୟର ସମସ୍ତ ପୌର ସଂସ୍ଥାରେ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ମାଧ୍ୟମରେ ପରିମଳ କାମକୁ ନିୟନ୍ତ୍ରିତ କରାଯିବା ସହ ପରିମଳ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସାମାଜିକ ସୁରକ୍ଷା ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ।

ବର୍ତ୍ତମାନ ସୁଦ୍ଧା ୧୧୫ଟି ପୌର ସଂସ୍ଥାରେ ମୋଟ ୯,୩୬୪ ଜଣ ପରିମଳ କର୍ମଚାରୀଙ୍କୁ ଚିହ୍ନଟ କରି ପଞ୍ଜିକୃତ କରାଯାଇଛି। ସେମାନଙ୍କ ମଧ୍ୟରେ ୬,୬୬୯ ଜଣ ପୁରୁଷ, ୨,୬୬୭ ଜଣ ମହିଳା ଏବଂ ୩୮ ଜଣ ତୃତୀୟ ଲିଙ୍ଗୀ ଅଛନ୍ତି । ସେମାନଙ୍କ କାମ ଅନୁଯାୟୀ, ଶ୍ରମ ବିଭାଗ ପକ୍ଷରୁ ସେମାନଙ୍କୁ 'ଗ୍ରେଡ୍-୧' ଏବଂ 'ଗ୍ରେଡ୍-୨' ଶ୍ରେଣୀଭୁକ୍ତ କରାଯାଇଛି । ଏହାଫଳରେ ସେମାନେ ପୂର୍ବ ଅପେକ୍ଷା ଅଧିକ ମଜୁରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚିହ୍ନଟ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ୧,୩୫୦ ଜଣ 'ଅତି କୁଶଳୀ' (Highly Skilled) ବା ଗ୍ରେଡ୍-୧ ଶ୍ରେଣୀର ଏବଂ ୮,୦୧୪ ଜଣ 'କୁଶଳୀ' (Skilled) ବା ଗ୍ରେଡ୍-୨ ଶ୍ରେଣୀର ଅଟନ୍ତି ।

ପରିମଳ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ତିନୋଟି ସଂସ୍ଥା (Venders) ମାଧ୍ୟମରେ ସୁରକ୍ଷା ଉପକରଣ (PPE) ଓ ଯନ୍ତ୍ରପାତି ଯୋଗାଇ ଦିଆଯାଉଛି । ବର୍ତ୍ତମାନ ସୁଦ୍ଧା ୮୮ଟି ପୌର ସଂସ୍ଥା ନିଜ ପାଇଁ ଆଧୁନିକ ଯନ୍ତ୍ରପାତି କିଣି ସାରିଛନ୍ତି । ସେହିପରି ୧୧୩ଟି ପୌର ସଂସ୍ଥା ସୁରକ୍ଷା ଉପକରଣ କିଣିବା ପାଇଁ ଅର୍ଡର ଦେଇଛନ୍ତି ।

ଚିହ୍ନଟ ହୋଇଥିବା ପ୍ରତ୍ୟେକ ଗ୍ରେଡ୍-I (Grade-I) ପରିମଳ ଶ୍ରମିକଙ୍କୁ (CSWs) ୧୦.୦୦ ଲକ୍ଷ ଟଙ୍କାର ଜୀବନ ବୀମା (Life Insurance) ସୁବିଧା ଯୋଗାଇ ଦିଆଯାଇଛି ।

ଗରିମା' ଯୋଜନା ମାଧ୍ୟମରେ ପରିମଳ କର୍ମଚାରୀଙ୍କୁ ମିଳୁଛି ସୁରକ୍ଷା ଏବଂ ସମ୍ମାନଜନକ ଜୀବନ

Mechanical Equipment	Requirement	Status of procurement	Remark
Desilting machine	113	69	Eighty-eight (88) ULBs have been extended financial support for procurement of items under the scheme Garima
Nalla Cleaner	93	40	
Rodding machine	111	68	
Jetting-cum-Suction Pump	4	4	

ସେମାନଙ୍କ କାମର କଷ୍ଟସାଧ ଓ ବିପଦପୂର୍ଣ୍ଣ ସ୍ଥିତିକୁ ଦୃଷ୍ଟିରେ ରଖି, ଗ୍ରେଡ୍-। ଶ୍ରମିକମାନଙ୍କୁ ସେମାନଙ୍କ ଦୈନିକ ମଜୁରୀର ୧୫% 'ରିସ୍କ ଏବଂ ହାର୍ଡସିପ୍ ଆଲାଉନ୍ସ' (Risk & Hardship Allowance) ଭାବେ ପ୍ରଦାନ କରାଯାଉଛି । ସମସ୍ତ ପୌର ସଂସ୍ଥାକୁ ଦିଆଯାଇଥିବା SOP (Standard Operating Procedure) ଅନୁଯାୟୀ, ପୌରସଂସ୍ଥାଗୁଡ଼ିକ ସମୟାନୁସାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରୁଛନ୍ତି । ଏହା ବ୍ୟତୀତ, ଗ୍ରେଡ୍-। ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟ ସମୟକୁ ୮ ଘଣ୍ଟାରୁ ୬ ଘଣ୍ଟାକୁ କମାଇ ଦିଆଯାଇଛି । ଜନସାଧାରଣଙ୍କ ଜରୁରୀକାଳୀନ ପରିମଳ ସେବା ଅନୁରୋଧ ଗ୍ରହଣ କରିବା ପାଇଁ ୧୪୪୨୦ ହେଲ୍ପଲାଇନ ନମ୍ବର ବର୍ତ୍ତମାନ ୧୦୬ଟି ପୌର ସଂସ୍ଥାରେ (ULBs) କାର୍ଯ୍ୟକ୍ଷମ ଅଛି ।

୫ଟି ପୌରସଂସ୍ଥା **(ବିଏମସି-୨୮, ବିଇଏମସି-୨, ସିଟିସି-୧, ପୁରୀ-୧, ସମ୍ବଲପୁର-୩)**ରେ ମୋଟ ୩୫ଟି ଗରିମା ଗୃହ ନିର୍ମାଣ କରାଯାଇଛି । ଏହି କେନ୍ଦ୍ରଗୁଡ଼ିକ ବିଶ୍ରାମ କକ୍ଷ ଭାବେ ବ୍ୟବହୃତ ହେଉଛି, ଯେଉଁଠାରେ PPE କିଟ୍, ୟୁନିଫର୍ମ ଆଦି ସଫା କରିବା, ଶୁଖାଇବା, ସାଇତି ରଖିବା ଏବଂ ପୋଷାକ ବଦଳାଇବା ପାଇଁ ସୁବିଧା ରହିଛି । ଏହି ସୁବିଧାଗୁଡ଼ିକ ପ୍ରମୁଖ ପରିମଳ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ସମ୍ମାନକୁ ପ୍ରୋତ୍ସାହିତ କରେ । ବର୍ତ୍ତମାନ ସୁଦ୍ଧା ୮୪୧ ଜଣ ଗ୍ରେଡ୍-୧ ପ୍ରମୁଖ ପରିମଳ କର୍ମଚାରୀଙ୍କୁ ତାଲିମ ଦିଆଯାଇ 'ସିୱେର ଏଣ୍ଟ୍ରି ପ୍ରୋଫେସନାଲ' (Sewer Entry Professional) ଭାବେ ପ୍ରମାଣିତ କରାଯାଇଛି । ଗରିମା ବୈଷୟିକ ସହାୟତା ୟୁନିଟ୍ ଦ୍ୱାରା ସମସ୍ତ ଜରୁରୀକାଳୀନ ପରିମଳ ସେବା ୟୁନିଟ୍ ସଦସ୍ୟଙ୍କ ପାଇଁ ଗୋଟିଏ ପର୍ଯ୍ୟାୟର ଶାରୀରିକ ତାଲିମ ଶେଷ ହୋଇଛି । ପୌରସଂସ୍ଥାର ଇଞ୍ଜିନିୟର ଏବଂ ସୁପରଭାଇଜରମାନଙ୍କୁ ସୁରକ୍ଷିତ ପରିମଳ ପ୍ରୋଟୋକଲ୍(Safe sanitation protocols) ବିଷୟରେ ଅବଗତ କରାଯାଇଛି । ନିକଟରେ, ଗରିମା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଏବଂ ମୁଖ୍ୟ ଉପାଦାନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଅଗଷ୍ଟ ୧୫ ରୁ ୩୧, ୨୦୨୫ ପର୍ଯ୍ୟନ୍ତ ଏକ ୧୫-ଦିନିଆ ଆଇସି କ୍ୟାମ୍ପେନ୍ (IEC campaign) ଆୟୋଜନ କରାଯାଇଥିଲା ।

ଗରିମା ଗୃହ - ପରିମଳ କର୍ମଚାରୀଙ୍କ ମର୍ଯ୍ୟାଦା ଏବଂ ସୁରକ୍ଷା ପାଇଁ ଏକ ନିରାପଦ ଆଶ୍ରୟସ୍ଥଳ

ଗରିମା ଯୋଜନା ମାଧ୍ୟମରେ ଯାନ୍ତ୍ରିକ ପଦ୍ଧତିରେ ସ୍ୱରେଜ୍ ସଫେଇ କାର୍ଯ୍ୟ ପରିଚାଳନା

ପୁରସ୍କାର ଏବଂ ମାନ୍ୟତା:

ଗରିମା ମଡେଲ ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ଅନୁପ୍ରାଣିତ କରିଛି । ଜାତୀୟ ମଳ ଏବଂ ସେପ୍ଟେଜ୍ ପରିଚାଳନା ସଂଘ (National Faecal Sludge and Septage Management - NFSSM Alliance) ପକ୍ଷରୁ ପରିମଳ ଶ୍ରମିକଙ୍କ କଲ୍ୟାଣ କ୍ଷେତ୍ରରେ ଏହାକୁ ଏକ ଶ୍ରେଷ୍ଠ ପ୍ରଣାଳୀ (Best practice) ଭାବେ ଦର୍ଶାଯାଇଛି । ମାନ୍ୟବର ଜାତୀୟ ମାନବାଧିକାର କମିଶନ (Hon'ble NHRC) ପରିମଳ ଶ୍ରମିକଙ୍କ କଲ୍ୟାଣ ଦିଗରେ ଗରିମା ଯୋଜନାର କାର୍ଯ୍ୟକାରିତାକୁ ଏକ ଶ୍ରେଷ୍ଠ ପ୍ରଣାଳୀ (Best practice) ଭାବେ ପ୍ରଶଂସା କରିଛନ୍ତି । ଏହା ସହିତ ଗରିମା ଯୋଜନାକୁ ଆଇଏସସି-ଫିକି (ISC-FICCI) ପକ୍ଷରୁ 'ଶ୍ରେଷ୍ଠ ଦକ୍ଷତା ବିକାଶ' (Best skilling) ପଦକ୍ଷେପ ଏବଂ 'ସ୍ୱତନ୍ତ୍ର ମାନ୍ୟତା ପୁରସ୍କାର' (Special Recognition award) ପ୍ରଦାନ କରାଯାଇଛି ।

ସୁରକ୍ଷା, ଦକ୍ଷତା ଏବଂ
ସମ୍ମାନ ମାଧ୍ୟମରେ
ସଶକ୍ତ ହେଉଛନ୍ତି
ପରିମଳ କର୍ମଚାରୀ

ଗରିମା' କର୍ମଶାଳା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପରିମଳ କର୍ମଚାରୀଙ୍କ ପାଇଁ ଅନେକ ଜନହିତକର ପଦକ୍ଷେପ ଘୋଷଣା କରିଛନ୍ତି । ଏଥିରେ 'ସେପ୍' (SEP) ପ୍ରମାଣିତ କୋର୍ ପରିମଳ କର୍ମଚାରୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା, ମୋବାଇଲ୍ ଫୋନ୍ ପ୍ରଦାନ, ପି.ଏମ୍.ଏ.ୱାଇ (ସହରାଞ୍ଚଳ) ଅଧୀନରେ ଆବାସ ସହାୟତା ଏବଂ ୧୫ ଦିନିଆ ସ୍ୱଚ୍ଛତା ସଚେତନତା ଅଭିଯାନ ଅନ୍ତର୍ଭୁକ୍ତ ।

garima
FOR SAFETY & DIGNITY OF CORE SANITATION WORKERS

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଜାତୀୟ ସ୍ତରୀୟ କର୍ମଶାଳା 'ଗରିମା' ଉଦ୍‌ଘାଟିତ

ଅଧ୍ୟାୟ ୩ :

ସହରୀ ଉନ୍ନୟନ (URBAN DEVELOPMENT)

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା: (MSBY)

ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା କେବଳ ଏକ ସରକାରୀ ଯୋଜନା ନୁହେଁ; ଏହା ସହରୀ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଏବଂ ସହାନୁଭୂତିର ସହ ପରିବର୍ତ୍ତନ କରିବାର ଏକ ଦୂରଦୃଷ୍ଟି । ଏହା ସହର ଏବଂ ନଗରଗୁଡ଼ିକର ଦୈନନ୍ଦିନ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦିଏ । ନିଯୁକ୍ତି ସୁଯୋଗ ସୃଷ୍ଟି ମାଧ୍ୟମରେ, ବିଶେଷ କରି ଅଣକୁଶଳୀ ଶ୍ରମିକ ମାନଙ୍କ ପାଇଁ, ଏହା ହଜାର ହଜାର ପରିବାରକୁ ସମ୍ମାନ ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି । ପାର୍କ, ବଜାର, ରାସ୍ତା ଏବଂ ସର୍ବସାଧାରଣ ସ୍ଥାନର ନିର୍ମାଣ ସହରଗୁଡ଼ିକୁ ଅଧିକ ସ୍ୱଚ୍ଛ, ସବୁଜ କରି ଗଢ଼ିତୋଳୁଛି ।

ସ୍ଥାୟୀ ରାଜସ୍ୱ ସୃଷ୍ଟିକାରୀ ସମ୍ପତ୍ତିର ବିକାଶ କରି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ପୌର ସଂସ୍ଥା ଗୁଡ଼ିକୁ ଅଧିକ ସୁଦୃଢ଼ କରୁଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଜଳାଶୟ ଏବଂ ପରିବେଶର ସ୍ଥିରତା ଉପରେ ଦିଆଯାଉଥିବା ଧ୍ୟାନ ଦୀର୍ଘକାଳୀନ ସହରୀ ସୁଦୃଢ଼ ଓ ସକ୍ଷମ ନିଶ୍ଚିତ କରେ । ଦୀର୍ଘକାଳୀନ ଭିତ୍ତିଭୂମି ବିକାଶ ଏବଂ ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ଥିବା ପ୍ରମୁଖ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଏକ କାର୍ଯ୍ୟଦକ୍ଷତା ଭିତ୍ତିକ ପଦକ୍ଷେପ ଭାବେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଗୋଶାଳା, କାର୍ଯ୍ୟାଳୟ ଗୃହ ଏବଂ ବହୁମୁଖୀ ବାଣିଜ୍ୟିକ ପରିସର ଭଳି ବୃହତ୍ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି ।



ଏହି ଯୋଜନାର ଚାରୋଟି ଉପ-ଉପାଦାନ ରହିଛି:

କ. ସହରୀ ଭିତ୍ତିଭୂମି:

- ଏହି କ୍ଷେତ୍ରରେ ନୂତନ ସହରୀ ପୌର ସୁବିଧାଗୁଡ଼ିକର ନିର୍ମାଣ ଏବଂ ପୂର୍ବରୁ ଥିବା ଭିତ୍ତିଭୂମିର ଉନ୍ନତିକରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିରେ ଲାଇବ୍ରେରୀ ବା ଇ-ଲାଇବ୍ରେରୀ ସୁବିଧା ସହ ଟାଉନ ହଲ୍, କଲ୍ୟାଣ ମଣ୍ଡପ, ମୁକ୍ତାକାଶ ରଙ୍ଗମଞ୍ଚ ସହ ବହୁମୁଖୀ ସଭାଗୃହ, ସାମୁଦାୟିକ କେନ୍ଦ୍ର, ଶ୍ମଶାନ, ପୌରସଂସ୍ଥା (ULB)ର ରାସ୍ତା (ପିଚୁ/ସିମେଣ୍ଟ କଂକ୍ରିଟ୍/ପେଭର୍ସ), ଛୋଟ ପୋଲ ଏବଂ ଆବଶ୍ୟକ ସ୍ଥଳେ ନାଳ ନିର୍ମାଣ କରାଯାଉଛି । ବର୍ଷା ଜଳ ନିଷ୍କାସନ ପାଇଁ ଏହି ନାଳଗୁଡ଼ିକର ସଂଯୋଗୀକରଣକୁ ଗୁରୁତ୍ୱ ଦିଆଯାଇଛି ।
- ଅନ୍ୟ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା କାର୍ଯ୍ୟାଳୟ ଗୃହ ଏବଂ ୱାର୍ଡ ଭିତ୍ତିଭୂମି ଗୁଡ଼ିକୁ ଏହି ଯୋଜନାରେ ସାମିଲ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ପାର୍କ, ଭେଣ୍ଡିଂ ଜୋନ୍ ଏବଂ ସ୍ଥାନୀୟ ବଜାର ଭଳି ସହରୀ ସୁବିଧାଗୁଡ଼ିକୁ ପ୍ରାଥମିକତା ଦିଆଯାଉଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପରାମର୍ଶ କ୍ରମେ, ଶୀଘ୍ର ନଷ୍ଟ ହୋଇଯାଉଥିବା ସାମଗ୍ରୀ ସାଇତି ରଖିବା ପାଇଁ ମିନି କୋଲ୍ଡ ଷ୍ଟୋରେଜ୍ (Mini cold storage units) ସୁବିଧା ସହ ଆମିଷ ବଜାର, ଦୈନିକ ବଜାର ଏବଂ ସାପ୍ତାହିକ ହାଟଗୁଡ଼ିକର ବିକାଶ କରାଯାଉଛି ।

MSBY
ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା

- ବିଭିନ୍ନ ବଜାର ପରିସର, ବହୁମୁଖୀ ବାଣିଜ୍ୟିକ ପରିସର, ମ୍ୟୁନିସିପାଲିଟି ବିଲ୍ଡିଂ, ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ବଜାର ଅଞ୍ଚଳରେ ନବୀକରଣ ଯୋଗ୍ୟ ଶକ୍ତି (Renewable Energy - ସ୍ୱଳ୍ପକାଳୀନ ସୌର ପ୍ରକଳ୍ପ) ର ସ୍ଥାପନ କରାଯାଉଛି । ଏଥିସହ ମୁଖ୍ୟ ସ୍ଥାନଗୁଡ଼ିକରେ ପାର୍କିଂ ସ୍ଥଳ, ଇଭି ଚାର୍ଜିଂ ଷ୍ଟେସନ ଏବଂ ଉପଯୁକ୍ତ ସ୍ଥାନଗୁଡ଼ିକରେ କ୍ଷୁଦ୍ର ପର୍ଯ୍ୟଟନ ସୁବିଧା (Micro tourism facilities) ର ବିକାଶ କାର୍ଯ୍ୟ ହାତକୁ ନିଆଯାଉଛି ।

ଖ. ସହରାଞ୍ଚଳ ମଜୁରୀ ଭିତ୍ତିକ ନିଯୁକ୍ତି:

- ଏହି ଯୋଜନାର ଲକ୍ଷ୍ୟ ହେଉଛି ଅଣକୁଶଳୀ ସହରୀ

ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ୪୭ଟି ପୌରାଞ୍ଚଳରେ ୮୨୨ଟି ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରୁଛନ୍ତି

ଶ୍ରମିକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଉପଯୋଗୀ ସମ୍ପତ୍ତି ଗଠନ କରିବା, ଯେପରିକି:

- ମିନି-ପାର୍କ (କ୍ଷୁଦ୍ର ଉଦ୍ୟାନ), ଓପନ୍-ଏୟାର ଜିମ୍, ପିଲାମାନଙ୍କ ପାଇଁ ଖେଳ ପଡ଼ିଆ ଏବଂ ବାହ୍ୟ କ୍ରୀଡ଼ା ସୁବିଧାର ନିର୍ମାଣ । ଏହା ସହିତ "ଆବର୍ଜନା ପ୍ରବଣ ସ୍ଥାନ" (Garbage Vulnerable Points) ଗୁଡ଼ିକୁ ସୁନ୍ଦର ସର୍ବସାଧାରଣ ସ୍ଥାନରେ ପରିଣତ କରିବା ।
- ବନୀକରଣ ପ୍ରକଳ୍ପ ଯଥା: ମିୟାୱାକି ଜଙ୍ଗଲ (Miyawaki forests), ସବୁଜ କରିଡର ଏବଂ ରାସ୍ତା କଡ଼ରେ ବୃକ୍ଷରୋପଣ ।
- ସ୍ଥାନୀୟ କୀର୍ତ୍ତିରାଜି ଓ ଐତିହ୍ୟ ସ୍ଥଳଗୁଡ଼ିକର ରକ୍ଷଣାବେକ୍ଷଣ କରିବା ଏବଂ ସାଂସ୍କୃତିକ କେନ୍ଦ୍ରଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିବା ।
- ଫ୍ଲାଇଓଭର ତଳେ ଥିବା ଖାଲି ସ୍ଥାନଗୁଡ଼ିକୁ ଗୋଷ୍ଠୀଗତ କ୍ରୀଡ଼ା ଏବଂ ମନୋରଞ୍ଜନ କେନ୍ଦ୍ରରେ ପରିଣତ କରିବା ।

ଗ. ଜଳାଶୟର ବିକାଶ:

- ଦ୍ରୁତ ସହରୀକରଣ, ଜବରଦଖଲ, ପ୍ରଦୂଷଣ ଏବଂ ବ୍ୟବସ୍ଥିତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଓଡ଼ିଶାର ସହରାଞ୍ଚଳରେ ଥିବା ଜଳାଶୟଗୁଡ଼ିକର ବ୍ୟାପକ ଅବକ୍ଷୟ ଘଟିଛି । ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ୧୧୫ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB) ମଧ୍ୟରେ ଥିବା ପ୍ରାୟ ୨,୦୦୦ ଜଳାଶୟର ପୁନରୁଦ୍ଧାର ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।
- ଏହି ଯୋଜନା ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଅନ୍ତର୍ଭୁକ୍ତ:
- ପ୍ରମୁଖ ସହରଗୁଡ଼ିକରେ ଜଳାଶୟର ବିକାଶ ।
- ଜଳାଶୟ ଏବଂ ସ୍ନାନଘାଟଗୁଡ଼ିକର ପୁନରୁଦ୍ଧାର ସହିତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ।
- ଅମୃତ (Amrut) ପରି ଅନ୍ୟାନ୍ୟ ଯୋଜନା ଅଧୀନରେ ଆରମ୍ଭ ହୋଇଥିବା ଜଳାଶୟ ପୁନରୁଦ୍ଧାର ପ୍ରକଳ୍ପଗୁଡ଼ିକ ପାଇଁ ଅବଶିଷ୍ଟ ପାଣ୍ଠି (Gap funds) ପ୍ରଦାନ କରିବା ।

ଘ. ପ୍ରାଣୀ କଲ୍ୟାଣ:

- ଏହି ବିଭାଗଟି ବୁଲା ପଶୁମାନଙ୍କ ପରିଚାଳନା ଏବଂ ପ୍ରାଣୀ ଚିକିତ୍ସା ଭିତ୍ତିଭୂମିର ଉନ୍ନତି ଉପରେ ଧ୍ୟାନ ଦେଇଥାଏ ।
- ବୁଲା ଗୋରୁଗାଈଙ୍କ ପରିଚାଳନା କରିବା ଏବଂ ଦୁର୍ଘଟଣା ରୋକିବା ପାଇଁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB) ଗୁଡ଼ିକରେ "କାଞ୍ଜିଆ ହୁଦା" କିମ୍ବା ଗୋଶାଳା (ସମନ୍ୱିତ ଗୋ-ପାଳନ କେନ୍ଦ୍ର) ର ବିକାଶ ।
- ପୋଷା ପ୍ରାଣୀଙ୍କ ଯତ୍ନ କେନ୍ଦ୍ର (Pet care centers) ପ୍ରତିଷ୍ଠା ଏବଂ ପ୍ରାଣୀ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମର ରୂପାୟନ ।

ସାମାଜିକ ସହଯୋଗ ଏବଂ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ 'ପରିଚୟ ଗୃହ'

ସହରାଞ୍ଚଳ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି



ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଆରମ୍ଭ ହେବା ଦିନଠାରୁ ଏଥିରେ ଉଲ୍ଲେଖନୀୟ ଅଗ୍ରଗତି ପରିଲକ୍ଷିତ ହୋଇଛି । ଆଜି ପର୍ଯ୍ୟନ୍ତ, ଏହି ଯୋଜନା ଅଧୀନରେ ସମୁଦାୟ ୧୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ପାଇଁ ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ULB) ଗୁଡ଼ିକୁ ୧୦୫୯.୨୪ କୋଟି ଟଙ୍କା ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୭୩୮୩ ଟି ପ୍ରକଳ୍ପ ଅନୁମୋଦିତ ହୋଇଛି, ଯାହା ପୌରସଂସ୍ଥା ସ୍ତରରେ ଦୃଢ଼ ଯୋଜନା ଏବଂ ପ୍ରକଳ୍ପ ଚୟନକୁ ସୂଚାଉଛି । ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୧୪୭୧ ଟି କାର୍ଯ୍ୟାଦେଶ ଜାରି କରାଯାଇଛି । ୭୧୭ ଟି ପ୍ରକଳ୍ପର କ୍ଷେତ୍ରସ୍ତରୀୟ କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଯୋଜନା ପ୍ରସ୍ତୁତିଠାରୁ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ସ୍ଥିର ଅଗ୍ରଗତିକୁ ଦର୍ଶାଉଛି । ସାମଗ୍ରିକ ଭାବେ, ଜିଲ୍ଲା ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ରୂପାୟନ ବ୍ୟାପକ ଭାବେ ସୂଚାରୁରୂପେ ଚାଲିଛି ।

ଟେଣ୍ଡର ପ୍ରକ୍ରିୟାକୁ ସମୟାନୁବର୍ତ୍ତୀ କରିବା, ତୁରନ୍ତ କାର୍ଯ୍ୟାଦେଶ ଜାରି କରିବା ଏବଂ କାର୍ଯ୍ୟଗୁଡ଼ିକର ଠିକ୍ ସମୟରେ ସମାପ୍ତି ଉପରେ ଗୁରୁତ୍ୱ ଦିଆଯାଉଛି । ଆଗାମୀ ମାସଗୁଡ଼ିକରେ ଏହା ଉଭୟ ପ୍ରକଳ୍ପର ବାସ୍ତବିକ କାର୍ଯ୍ୟ ଏବଂ ଆର୍ଥିକ ପ୍ରଗତିରେ ଅଧିକ ସୁଧାର ଆଣିବ ବୋଲି ଆଶା କରାଯାଉଛି, ଯାହାଦ୍ୱାରା ଅନ୍ତର୍ଭୁକ୍ତିକରଣ ଏବଂ ସ୍ଥାୟୀ ସହରୀ ବିକାଶର ଲକ୍ଷ୍ୟ ହାସଲ ହୋଇପାରିବ ।



ଆହାର (AAHAAR)

ଆହାର ଯୋଜନା ହେଉଛି ଏକ ପ୍ରମୁଖ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ହେଉଛି ସହରାଞ୍ଚଳର ଆର୍ଥିକ ଅନଗ୍ରସର ଏବଂ ଅସହାୟ ଶ୍ରେଣୀର ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଗରମ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା । ଏହି ଯୋଜନାରେ ମାତ୍ର ୫ ଟଙ୍କାରେ ଭାତ, ଡାଲମା ଏବଂ ଆଚାର ଯୁକ୍ତ ସୁଲଭ ମୂଲ୍ୟର ଖାଦ୍ୟ ପ୍ରଦାନ କରାଯାଏ । ଏହାର ପ୍ରକୃତ ମୂଲ୍ୟ ୨୭ ଟଙ୍କା ହୋଇଥିବା ବେଳେ ବାକି ୨୨ ଟଙ୍କା ରାଜ୍ୟ ସରକାରଙ୍କ ସବସିଡି (ରିହାତି) ମାଧ୍ୟମରେ ଭରଣା କରାଯାଇଥାଏ । ପ୍ରଥମ ଥର ପାଇଁ, ସରକାର ୨୦୨୫-୨୦୨୬ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ୬୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି ।

ହିତାଧିକାରୀ ଯଥା: ରୋଗୀ ଓ ସେମାନଙ୍କ ସମ୍ପର୍କୀୟ, ମଜୁରୀ ଭିତ୍ତିକ ଶ୍ରମିକ, ରାସ୍ତା କଡ଼ ବ୍ୟବସାୟୀ, ଅଟୋ ଓ ରିକ୍ସା ଚାଳକ, ନିରାଶ୍ରୟ ବ୍ୟକ୍ତି, ଛାତ୍ରଛାତ୍ରୀ ଏବଂ ବିଭିନ୍ନ କାର୍ଯ୍ୟରେ ସହରକୁ ଆସୁଥିବା ଅନ୍ୟାନ୍ୟ ଲୋକଙ୍କ ପାଇଁ ସୁବିଧା ନିଶ୍ଚିତ କରିବାକୁ ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ପ୍ରମୁଖ ସହରୀ କେନ୍ଦ୍ରଗୁଡ଼ିକରେ ଆହାର କେନ୍ଦ୍ରଗୁଡ଼ିକ ସ୍ଥାପନ କରାଯାଇଛି ।

ଏହି ଯୋଜନାର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଏଥିରେ ଗୋଷ୍ଠୀଗତ ସହଭାଗିତା ଉପରେ ଦିଆଯାଉଥିବା ଗୁରୁତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ (SHGs) ମାନେ ଆହାର କେନ୍ଦ୍ର ଏବଂ ରୋଷେଇ ଶାଳଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ନେଇଛନ୍ତି, ଯାହା ସ୍ଥାନୀୟ ଜୀବିକା ଏବଂ ଆର୍ଥିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରୁଛି । ଏହା ବ୍ୟତୀତ, ଖାଦ୍ୟ ସହିତ ଦିଆଯାଉଥିବା ଆଚାର ବାରିପଦା, ବ୍ରହ୍ମପୁର ଏବଂ ଢେଙ୍କାନାଳରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଚାର ୟୁନିଟ୍‌ଗୁଡ଼ିକରୁ ଯୋଗାଇ ଦିଆଯାଉଛି । ଏହି ସମସ୍ତ ୟୁନିଟ୍ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ, ଯାହା ଯୋଗାଣ ଶୃଙ୍ଖଳାରେ ଗୋଷ୍ଠୀଗତ ଅଂଶଗ୍ରହଣକୁ ଅଧିକ ସୁଦୃଢ଼ କରୁଛି ।

ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଆହାର କେନ୍ଦ୍ରରେ ଖାଦ୍ୟର ଗୁଣବତ୍ତା ଓ ସେବାର ଅନୁଧ୍ୟାନ କରିବା ସହ ନିଜେ ସେଠାରେ ଭୋଜନ କରୁଛନ୍ତି

ଆହାର କେନ୍ଦ୍ରଗୁଡ଼ିକ ଖୋଲା ରହେ; ତେବେ ଡାକ୍ତରଖାନା ଏବଂ ଅତ୍ୟାବଶ୍ୟକ ସେବା କେନ୍ଦ୍ର ନିକଟରେ ଥିବା କେନ୍ଦ୍ରଗୁଡ଼ିକ ସପ୍ତାହର ସମସ୍ତ ଦିନ କାର୍ଯ୍ୟକ୍ଷମ ରହିଥାଏ । ସମସ୍ତ କେନ୍ଦ୍ରରେ ସକାଳ ୧୧:୦୦ ରୁ ଅପରାହ୍ନ ୩:୦୦ ପର୍ଯ୍ୟନ୍ତ ଖାଦ୍ୟ ପରିବେଷଣ କରାଯାଏ ଏବଂ ଡାକ୍ତରଖାନା ସଂଲଗ୍ନ ତଥା ଅଧିକ ଚାହିଦା ଥିବା ସ୍ଥାନଗୁଡ଼ିକରେ ସନ୍ଧ୍ୟା ୭:୦୦ ରୁ ରାତି ୯:୦୦ ପର୍ଯ୍ୟନ୍ତ ଅତିରିକ୍ତ ସେବା ପ୍ରଦାନ କରାଯାଏ । ସ୍ୱତନ୍ତ୍ର ଆହାର ରୋଷେଇ ଶାଳରେ ଖାଦ୍ୟ ପ୍ରସ୍ତୁତ କରାଯାଏ ଏବଂ ସ୍ୱଚ୍ଛତା ତଥା ଖାଦ୍ୟର ନିରାପତ୍ତା ନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ଗାଡ଼ି ମାଧ୍ୟମରେ କେନ୍ଦ୍ରଗୁଡ଼ିକୁ ପଠାଯାଏ ।ସେବା ଯୋଗାଇବା ସମୟରେ ନିର୍ମଳତା ଏବଂ ସମ୍ମାନ ଉପରେ ଗୁରୁତ୍ୱ ଦିଆଯାଏ; ଯେଉଁଥିରେ ବିଶୋଧିତ ପ୍ଲେଟ୍, ୟୁନିଫର୍ମ ପରିହିତ ପ୍ରଶିକ୍ଷିତ କର୍ମଚାରୀ ଏବଂ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ମହିଳା, ଶିଶୁ ଏବଂ ଅସୁସ୍ଥ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯାଏ ।

ସ୍ଥାନୀୟ ସଂସ୍ଥା (ULB) ରେ ୧୭୦ଟି ଆହାର କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି ଏବଂ ଏଥିପାଇଁ ୯୦ଟି ସ୍ୱତନ୍ତ୍ର ରୋଷେଇ ଶାଳର ସହାୟତା ନିଆଯାଉଛି । ଏଠାରେ ପ୍ରତିଦିନ ପ୍ରାୟ ଏକ ଲକ୍ଷ ଲୋକଙ୍କୁ ଖାଦ୍ୟ ପରିବେଷଣ କରାଯାଉଛି ଏବଂ ଯୋଜନା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ୨୧ କୋଟିରୁ ଅଧିକ ଖାଦ୍ୟ ଯୋଗାଇ ଦିଆଯାଇଛି । ସମୁଦାୟ ୧୮୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ସମ୍ପୂର୍ଣ୍ଣ ପରିଚାଳନା କାର୍ଯ୍ୟରେ ନିୟୋଜିତ ଅଛନ୍ତି, ଯାହା ସ୍ଥାୟୀ ଜୀବିକା ସୃଷ୍ଟି କରିବାରେ ଏବଂ ଦକ୍ଷ ତଥା ସମ୍ମାନଜନକ ସେବା ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି । ଖାଦ୍ୟ ନିରାପତ୍ତା, ଗୋଷ୍ଠୀ ସଶକ୍ତିକରଣ ଏବଂ ସମସ୍ତଙ୍କୁ ସାମିଲ କରୁଥିବା ସହରୀ ସେବା ପ୍ରଦାନ କ୍ଷେତ୍ରରେ 'ଆହାର' ଯୋଜନା ଓଡ଼ିଶାର ଅନ୍ୟତମ ପ୍ରଭାବଶାଳୀ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଭାବରେ ଜାରି ରହିଛି ।

ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି (OUIDF)

ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି (OUIDF) ୨୦୧୩ ମସିହାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଓଡ଼ିଶା ସରକାରଙ୍କ ଏକ ସମ୍ପୂର୍ଣ୍ଣ ସ୍ୱତ୍ୱାଧିକାରଭୁକ୍ତ ଟ୍ରଷ୍ଟ ଭାବରେ ପ୍ରତିଷ୍ଠିତ ହୋଇଥିଲା । ସୁଡ଼ା (SUDA) ପରିସରରୁ ପରିଚାଳିତ OUIDF ଏକ ସ୍ୱତନ୍ତ୍ର ସହରୀ ଆର୍ଥିକ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରେ, ଯାହା ପୌରସଂସ୍ଥା (ULBs), ସାମ୍ବିଧାନିକ ବିଧିବଦ୍ଧ ସଂସ୍ଥା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ (PSUs), ସରକାରୀ ବିଭାଗ ଏବଂ ବେସରକାରୀ ନିବେଶକମାନଙ୍କୁ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ କରିଥାଏ ।

OUIDF ଗଠନର ଉଦ୍ଦେଶ୍ୟଗୁଡ଼ିକ ହେଲା:

- ବେସରକାରୀ ପୁଞ୍ଜି ସମେତ ଘରୋଇ ଏବଂ ଆନ୍ତର୍ଜାତୀୟ ସମ୍ବଳର ବିନିଯୋଗ କରିବା ।
- ସ୍ଥାୟୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ପାଇଁ ଦୀର୍ଘକାଳୀନ ପୁଞ୍ଜି ପାଇବାରେ ପୌରସଂସ୍ଥା (ULB) ମାନଙ୍କୁ ସହାୟତା କରିବା ।
- ସୁସଜ୍ଜିତ ଏବଂ ନାଗରିକ-କେନ୍ଦ୍ରିକ ପ୍ରକଳ୍ପଗୁଡ଼ିକ ପାଇଁ ପାଣ୍ଠି ଯୋଗାଇବା ।
- ଜର୍ମାନୀର KfW ଏବଂ ରାଜ୍ୟସ୍ତରୀୟ ବିଶେଷଜ୍ଞଙ୍କ ବୈଷୟିକ ସହାୟତା ମାଧ୍ୟମରେ ପ୍ରକଳ୍ପଗୁଡ଼ିକର ଦୀର୍ଘକାଳୀନ ସ୍ଥାୟିତ୍ୱ ନିଶ୍ଚିତ କରିବା ।
- ଆଜି ପର୍ଯ୍ୟନ୍ତ OUIDF, KfW ଠାରୁ ୧୦୫ ମିଲିୟନ ୟୁରୋ (ପ୍ରାୟ ୯୦୦ କୋଟି ଟଙ୍କା) ର ଋଣ ସହାୟତା ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସମ୍ବଳ ହାସଲ କରିଛି । ପ୍ରଥମ ପର୍ଯ୍ୟାୟ ଋଣ ସହାୟତାରେ ୫୦୦.୭୭ କୋଟି ଟଙ୍କା ପ୍ରଦାନ କରାଯାଇଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୭୧.୦୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ମାଧ୍ୟମରେ ସମୁଦାୟ ୨,୧୮୮.୪୪ କୋଟି ଟଙ୍କାର ୪୪ଟି ପ୍ରକଳ୍ପକୁ ପାଣ୍ଠି ଯୋଗାଇ ଦିଆଯାଉଛି । ଏହା ବ୍ୟତୀତ, ଆର୍ଥିକ ଅନଗ୍ରସର ଶ୍ରେଣୀଙ୍କ ପାଇଁ ସୁଲଭ ମୂଲ୍ୟର ଆବାସ, ଶକ୍ତି-ଦକ୍ଷ ରାସ୍ତା ଆଲୋକ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପରି ପ୍ରକଳ୍ପ ପାଇଁ OUIDF ନିଜସ୍ୱ ପାଣ୍ଠିରୁ ୧୧୭.୨୪ କୋଟି ଟଙ୍କା ପ୍ରଦାନ କରିଛି ।

ଆଧୁନିକ ସହର ଗଠନ ଦିଗରେ ସ୍ମାର୍ଟ ଷ୍ଟ୍ରିଟ୍ ଲାଇଟିଂ

ଆର୍ଥିକ ଅଗ୍ରଗତି

- KfW ଋଣ ସହାୟତା (Line of Credit) – I: ୫୦ ମିଲିୟନ ୟୁରୋ (ପ୍ରାୟ ₹୪୨୦ କୋଟି)
  - ପ୍ରଦତ୍ତ ଅର୍ଥ (Disbursement): ₹୫୦୦.୭୭ କୋଟି
- KfW ଋଣ ସହାୟତା (Line of Credit) – II: ୫୫ ମିଲିୟନ ୟୁରୋ (ପ୍ରାୟ ₹୪୮୦ କୋଟି)
  - ପ୍ରଦତ୍ତ ଅର୍ଥ (Disbursement): ୪୪ଟି ପ୍ରକଳ୍ପ ପାଇଁ ₹୨୭୮.୧୦ କୋଟି (ସମୁଦାୟ ପ୍ରକଳ୍ପ ବ୍ୟୟ: ₹୨,୧୮୮.୪୪ କୋଟି)
- ଅତିରିକ୍ତ ପ୍ରଦତ୍ତ ଅର୍ଥ: ଆର୍ଥିକ ଅନଗ୍ରସର ଶ୍ରେଣୀ (EWS) ଆବାସ, ଶକ୍ତି-ଦକ୍ଷ ରାସ୍ତା ଆଲୋକ ଏବଂ ଜଳାଶୟ ପ୍ରକଳ୍ପ ପାଇଁ OUIDF ର ନିଜସ୍ୱ ପାଣ୍ଠିରୁ ₹୧୧୭.୭୪ କୋଟି ପ୍ରଦାନ କରାଯାଇଛି ।

ବର୍ଷା ଜଳ ନିଷ୍କାସନ (STORM WATER DRAINAGE)

ସହରାଞ୍ଚଳରେ ବନ୍ୟା ପରିସ୍ଥିତି ଏକ ବଡ଼ ଆହ୍ୱାନ ହୋଇ ରହିଛି, ଯାହା ଭିତ୍ତିଭୂମି, ଜୀବିକା, ଜନସ୍ୱାସ୍ଥ୍ୟ ଏବଂ ଜୀବନଧାରଣର ମାନକୁ ପ୍ରଭାବିତ କରୁଛି । ଏହାର ମୁଖ୍ୟ କାରଣଗୁଡ଼ିକ ହେଲା— ଯୋଜନାବଦ୍ଧ ନର୍ଦ୍ଦମା ବ୍ୟବସ୍ଥାର ଅଭାବ, ପ୍ରାକୃତିକ ଜଳପଥ ଜବରଦଖଲ, ସଂକୀର୍ଣ୍ଣ ନାଳ, ଅନୁପଯୁକ୍ତ ରକ୍ଷଣାବେକ୍ଷଣ, ସବୁଜିମା ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନ ଜନିତ ଅତ୍ୟଧିକ ବର୍ଷା ।

ଏହି ସମସ୍ୟାଗୁଡ଼ିକର ସାମଗ୍ରିକ ସମାଧାନ ପାଇଁ, 'ବିକଶିତ ଓଡ଼ିଶା ଆଶା ଓ ଅଭିଳାଷ ୨୦୩୬ ଏବଂ ୨୦୪୭' (Viksit Vision Odisha) ଅନୁସାରେ ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥା (ULB) ପାଇଁ 'ବ୍ୟାପକ ବର୍ଷା ଜଳ ନିଷ୍କାସନ ମାଷ୍ଟର ପ୍ଲାନ୍' ପ୍ରସ୍ତୁତି ଆରମ୍ଭ କରାଯାଇଛି । ଏହା ସହିତ ବର୍ଷା ଦିନରେ ସହରୀ ବନ୍ୟା ସମସ୍ୟାର ସମାଧାନ ପାଇଁ ଏହି କାର୍ଯ୍ୟକ୍ରମ ଅଧୀନରେ ULB ଗୁଡ଼ିକୁ ଉଭୟ ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି ସମସ୍ୟାର ପ୍ରତିକାର ପାଇଁ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍‌ରେ ୩୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

ପୌର ପ୍ରଶାସନ ପରିଚାଳନା (ULB) ପ୍ରଶାସନ

ପୌରସଂସ୍ଥା (ULB) ପ୍ରଶାସନ ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଛି । ଏହାର ଲକ୍ଷ୍ୟ ହେଉଛି ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ ଶାସନ ବ୍ୟବସ୍ଥାରେ ସୁଧାର, ଡିଜିଟାଇଜେସନ ଏବଂ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନ ମାଧ୍ୟମରେ ଏହାକୁ ଅଧିକ ସୁଦୃଢ଼ କରିବା । 'ବିକଶିତ ଓଡ଼ିଶା @୨୦୩୬'ର ଲକ୍ଷ୍ୟ ଅନୁସାରେ, ଏହି ଯୋଜନା ପୌର ପରିଚାଳନାର ଆଧୁନିକୀକରଣ, ସ୍ୱଚ୍ଛତା ବୃଦ୍ଧି ଏବଂ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥା ମାଧ୍ୟମରେ ପ୍ରଶାସନିକ ଦକ୍ଷତା ବଢ଼ାଇ ଦ୍ରୁତ ସହରୀକରଣର ଆହ୍ୱାନଗୁଡ଼ିକର ସମାଧାନ କରୁଛି । ସମସ୍ତ ULB ରେ OSWAN ଏବଂ OSWAS ପ୍ଲାଟଫର୍ମର ସମ୍ପୂର୍ଣ୍ଣ ପ୍ରଚଳନ କରିବା, ଯାହାଦ୍ୱାରା ପ୍ରକୃତ ସମୟରେ ଅନୁଧ୍ୟାନ (Real-time monitoring), ଇଲେକ୍ଟ୍ରୋନିକ ଫାଇଲ୍ ଚଳପ୍ରଚଳ, ଭିଡିଓ କନଫରେନ୍ସିଂ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଉନ୍ନତ ସମନ୍ୱୟ ରକ୍ଷା କରାଯାଇପାରିବ, ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ୧୯୨୯ ଅର୍ବାନ ହେଲ୍ପଲାଇନ ଏବଂ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ICCS) ର ସୁଦୃଢ଼ିକରଣ ଦ୍ୱାରା ଅଭିଯୋଗ ପ୍ରତିକାର ବ୍ୟବସ୍ଥା ଅଧିକ ଉନ୍ନତ ହୋଇଛି, ଯାହା ନାଗରିକଙ୍କ ଅଭିଯୋଗର ଠିକ୍ ସମୟରେ ସମାଧାନ ଏବଂ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରୁଛି । ଏହି ଡିଜିଟାଲ ବ୍ୟବସ୍ଥାଗୁଡ଼ିକ ପୌରସ୍ତରରେ ସେବା ପ୍ରଦାନ ଏବଂ କାର୍ଯ୍ୟକ୍ଷମ ସ୍ୱଚ୍ଛତାରେ ଯଥେଷ୍ଟ ସୁଧାର ଆଣିଛି ।

ଏହି ଯୋଜନା 'ସହଯୋଗ' (SAHAJOG) ଅଭିଯାନ ମାଧ୍ୟମରେ ଅନ୍ତର୍ଭୁକ୍ତିକରଣ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇଛି, ଯାହା ସହରାଞ୍ଚଳର ଗରିବ ପରିବାରଗୁଡ଼ିକୁ ସାମାଜିକ ସଚେତନତା ଓ ପ୍ରଚାର ପ୍ରସାର (IEC) ମାଧ୍ୟମରେ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସୁବିଧା ପାଇବାରେ ସାହାଯ୍ୟ କରୁଛି । ନିଜସ୍ୱ ରାଜସ୍ୱ ବୃଦ୍ଧି ଏବଂ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ULB ଗୁଡ଼ିକୁ ପ୍ରୋତ୍ସାହନମୂଳକ ସହାୟତା ପ୍ରଦାନ କରାଯାଉଛି, ଯାହା ସେମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଏବଂ ଉନ୍ନତ ଆର୍ଥିକ ଶୃଙ୍ଖଳା ସୃଷ୍ଟି କରୁଛି । ସାମଗ୍ରିକ ଭାବେ, ଏହି ଯୋଜନା ଓଡ଼ିଶାରେ ଏକ ସହନଶୀଳ, ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷ ସହରୀ ପ୍ରଶାସନିକ ବ୍ୟବସ୍ଥା ଗଠନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି ।

ଏହି ଅନୁଭାଗ ଅଧୀନରେ ପରିମଳ, ରାଜସ୍ୱ ସଂଗ୍ରହ ଏବଂ ଡିଜିଟାଲ ସେବାର ଗ୍ରହଣୀୟତା ପରି ସୂଚକାଙ୍କ ଆଧାରରେ 'କାର୍ଯ୍ୟଦକ୍ଷତା ଭିତ୍ତିକ ଅନୁଦାନ' ପ୍ରଦାନ କରାଯାଉଛି । ଏଥିସହିତ ଉତ୍ତମ କାର୍ଯ୍ୟ କରୁଥିବା ULB ଗୁଡ଼ିକୁ ସମୟାନୁକ୍ରମିକ ମାନ୍ୟତା (Ranking) ଓ ସ୍ୱୀକୃତି ପ୍ରଦାନ କରାଯାଉଛି । ଏହି ପ୍ରୋତ୍ସାହନ ବ୍ୟବସ୍ଥା ସୁସ୍ଥ ପ୍ରତିଯୋଗିତା ସୃଷ୍ଟି କରିବା, ସେବା ପ୍ରଦାନରେ ସୁଧାର ଆଣିବା ଏବଂ ଫଳାଫଳ-ଭିତ୍ତିକ ପ୍ରଶାସନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ପ୍ରୋତ୍ସାହନ ରାଶି (Un-tied) ପ୍ରକୃତିର ହେବା ULB ମାନେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସମ୍ବିଧାନର ୧୨ ଅନୁସୂଚୀରେ ଥିବା ୧୮ଟି ବିଷୟ ଉପରେ ଏହି ଅର୍ଥ ଖର୍ଚ୍ଚ କରିପାରିବେ, ଯେଉଁଥିରେ ଦରମା ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନିକ ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ ।

ଭୁବନେଶ୍ୱର ସ୍ମାର୍ଟ ସିଟିର ସୁରକ୍ଷା ଓ ସୁବିଧା ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ICCC)

ମୁଖ୍ୟ ପଦକ୍ଷେପଗୁଡ଼ିକ

- ଟିକସ ପ୍ରଶାସନ, ବ୍ୟାପାର ଅନୁମତି ପତ୍ର (Trade licensing), ଗୃହ ନିର୍ମାଣ ନକ୍ସା ଅନୁମୋଦନ, ଅଭିଯୋଗ ପ୍ରତିକାର ଏବଂ ଆର୍ଥିକ ପରିଚାଳନା ବ୍ୟବସ୍ଥାର ଡିଜିଟାଇଜେସନ୍ ।
- ଯୋଜନା ପ୍ରସ୍ତୁତି, ଇଞ୍ଜିନିୟରିଂ, ପରିମଳ ଏବଂ ଆର୍ଥିକ ପରିଚାଳନା କ୍ଷେତ୍ରରେ ପୌର କର୍ମଚାରୀମାନଙ୍କୁ ବୃତ୍ତିଗତ ସହାୟତା ପ୍ରଦାନ ।
- 'ସହଯୋଗ' (SAHAJOG) ଅଭିଯାନ ଅଧୀନରେ ସହରାଞ୍ଚଳର ଗରିବ ଲୋକଙ୍କୁ ଉନ୍ନତ ସେବା ପ୍ରଦାନ ।
- ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇଁ କାର୍ଯ୍ୟଦକ୍ଷତା ଭିତ୍ତିକ ପ୍ରୋତ୍ସାହନ ।

ଓଡ଼ିଶା ଅର୍ବାନ ଏକାଡେମୀ (OUA): ମାନବ ସମ୍ବଳର ବିକାଶ ଏବଂ ସହରାଞ୍ଚଳ ସେବା ପ୍ରଦାନ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ଏକ ଅଗ୍ରଣୀ ପ୍ରତିଷ୍ଠାନ

ଦକ୍ଷତା ବୃଦ ଏବଂ ପ୍ରୟୋଗାତ୍ମକ ଜ୍ଞାନର ବିକାଶ ପାଇଁ ଶ୍ରେଣୀଗୃହ ପ୍ରଶିକ୍ଷଣ

ଓଡ଼ିଶା ଅର୍ବାନ ଏକାଡେମୀରେ ଅତ୍ୟାଧୁନିକ ପାଠାଗାର ସୁବିଧା

ଅଧ୍ୟାୟ ୪:

ପରିବହନ (TRANSPORTATION)

କ୍ୟାପିଟାଲ୍ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (CRUT)

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଏକ ସ୍ୱତନ୍ତ୍ର ସଂସ୍ଥା (SPV), 'କ୍ୟାପିଟାଲ୍ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ' (CRUT), ସାରା ରାଜ୍ୟରେ ସହରୀ ପରିବହନ ସେବାର ଯୋଜନା, ପରିଚାଳନା ଏବଂ ସମ୍ପ୍ରସାରଣ ପାଇଁ ମୁଖ୍ୟ ସର୍ବସାଧାରଣ ପରିବହନ କର୍ତ୍ତୃପକ୍ଷ ଭାବରେ କାର୍ଯ୍ୟ କରୁଛି । ସ୍ଥାୟିତ୍ୱ, ପରିଚାଳନା ଦକ୍ଷତା ଏବଂ ଯାତ୍ରୀଙ୍କ ସୁବିଧାକୁ ପ୍ରାଧାନ୍ୟ ଦେଇ ଏକ ନିର୍ଭରଯୋଗ୍ୟ, ସୁଲଭ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଯୋଗାଇବା ପାଇଁ CRUT ଦାୟିତ୍ୱବଦ୍ଧ ।

ବର୍ତ୍ତମାନ CRUT ପକ୍ଷରୁ ଏକାଧିକ ପରିବହନ ସେବା ପରିଚାଳିତ ହେଉଛି, ଯେଉଁଥିରେ 'ଆମ ବସ୍', 'ଆମ ଇ-ରାଇଡ୍' ଏବଂ ନିକଟରେ ଆରମ୍ଭ ହୋଇଥିବା 'ଓଡ଼ିଶା ଯାତ୍ରୀ' ଅନ୍ତର୍ଭୁକ୍ତ । ଏହି ସେବାଗୁଡ଼ିକ ସହରାଞ୍ଚଳ ଏବଂ ସହରର ଉପକଣ୍ଠରେ ବାସ କରୁଥିବା ଲୋକଙ୍କ ଦୈନନ୍ଦିନ ଯାତାୟାତର ଆବଶ୍ୟକତା ପୂରଣ କରୁଛି ।

ବୈଦ୍ୟୁତିକ ବସ୍ (Electric buses) ର ପ୍ରଚଳନ, ଶେଷ ମାଇଲ୍ ପର୍ଯ୍ୟନ୍ତ ଯୋଗାଯୋଗ (Last-mile connectivity) ର ସୁଦୃଢ଼ିକରଣ ଏବଂ 'FAME-II' ଓ 'PM eBus Sewa' ପରି ଜାତୀୟ ଯୋଜନାଗୁଡ଼ିକର ସମନ୍ୱୟ ମାଧ୍ୟମରେ ଓଡ଼ିଶାକୁ ସ୍ୱଚ୍ଛ ଏବଂ ସ୍ଥାୟୀ ପରିବହନ ଦିଗରେ ଆଗେଇ ନେବାରେ ଏହି ସଂସ୍ଥା ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ମୁଖ୍ୟ ବୈଶିଷ୍ଟ୍ୟ ଏବଂ କାର୍ଯ୍ୟକ୍ଷମ ଦକ୍ଷତା:

CRUT ବର୍ତ୍ତମାନ ୬୭୦ଟି ବସ୍ ପରିଚାଳନା କରୁଛି, ଯେଉଁଥିରୁ ୨୯୦ଟି ହେଉଛି ବୈଦ୍ୟୁତିକ ବସ୍ । ଏହି ବସ୍‌ଗୁଡ଼ିକ ରାଜଧାନୀ ଅଞ୍ଚଳ ସମେତ ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ପରି ପ୍ରମୁଖ ସହରାଞ୍ଚଳର ୧୧୩ଟି ରୁଟ୍‌ରେ ଚାଲୁଛି । ଆମ ବସ୍ ସେବାରେ ବିଭିନ୍ନ ପ୍ରକାରର ଆଧୁନିକ ଗାଡ଼ି ସାମିଲ କରାଯାଇଛି ଯେଉଁଥିରେ ୫ଟି ଡବଲ୍-ଡେକର୍ (ଦୁଇ ମହଲା) ବୈଦ୍ୟୁତିକ ବସ୍ ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା ପ୍ରଦତ୍ତ ୩୫ଟି ବୈଦ୍ୟୁତିକ ବସ୍ ସାମିଲ ଅଛି । ଏହି ବସ୍‌ଗୁଡ଼ିକ ୨୦୨୫ ଜାନୁଆରୀ ମସିହାରେ ଆରମ୍ଭ କରାଯାଇଥିଲା ଏବଂ ବର୍ତ୍ତମାନ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ପୁରୀରେ କାର୍ଯ୍ୟକ୍ଷମ ରହିଛି ।

Bus Operations in CRUT (Nos.)



ବସ୍ ସେବାର ସୁପରିଚାଳନା ପାଇଁ CRUT ପକ୍ଷରୁ ୯ଟି ବସ୍ ଡିପୋର ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ୪ଟି ଡିଜେଲ୍ ଏବଂ ୫ଟି ବୈଦ୍ୟୁତିକ ଡିପୋ ସାମିଲ ଅଛି । ଏହା ସହିତ ୮ଟି ପ୍ରମୁଖ ଟର୍ମିନାଲ୍ ମଧ୍ୟ କାର୍ଯ୍ୟ କରୁଛି ।

ମାଷ୍ଟର କ୍ୟାଣ୍ଟିନ ଏବଂ ଚନ୍ଦ୍ରଶେଖରପୁରଠାରେ ୨ଟି ସ୍ୱତନ୍ତ୍ର ବୈଦ୍ୟୁତିକ ଟର୍ମିନାଲ୍ ରହିଥିବା ବେଳେ ବରମୁଣ୍ଡା (BSABT), କଟକ (CNBT), ତ୍ରିଶୁଳିଆ, CDA, ଖୋର୍ଦ୍ଧା ଏବଂ ମାଳତୀପାତପୁରଠାରେ ଅନ୍ୟ ଟର୍ମିନାଲ୍ ଗୁଡ଼ିକ ରହିଛି । ବର୍ତ୍ତମାନ ବିଭିନ୍ନ ସହରରେ ଦୈନିକ ପ୍ରାୟ ୩.୩ ଲକ୍ଷ ଯାତ୍ରୀ ଏହି ସେବାର ସୁବିଧା ନେଉଛନ୍ତି ଏବଂ ପ୍ରାୟ ୪୦ ପ୍ରତିଶତ କାରବାର ଡିଜିଟାଲ୍ ମାଧ୍ୟମରେ ହେଉଛି । ବର୍ତ୍ତମାନ ବୈଦ୍ୟୁତିକ ବସ୍ ସଂଖ୍ୟା ୨୯୦ରେ ପହଞ୍ଚିଥିବା ବେଳେ ଆଗାମୀ ଦିନରେ ଆଉ ୬୦୦ଟି ନୂଆ ବୈଦ୍ୟୁତିକ ବସ୍ ସାମିଲ କରିବା ପାଇଁ ଯୋଜନା ରହିଛି । ପ୍ରଥମ ପର୍ଯ୍ୟାୟରେ ୨୦୦ଟି ବସ୍ ପାଇଁ କ୍ରୟ ପ୍ରକ୍ରିୟା ଶେଷ ହୋଇଛି, ଯେଉଁଥିରେ ଚାରୋଟି ନୂଆ ସହର ପାଇଁ ୨୫ଟି ଲେଖାଏଁ ଏବଂ ସମ୍ବଲପୁର ଓ ବ୍ରହ୍ମପୁର ପାଇଁ ୫୦ଟି ଲେଖାଏଁ ବସ୍ ରହିଛି । କେନ୍ଦୁଝର, ଝାରସୁଗୁଡ଼ା ଏବଂ ବାଲେଶ୍ୱର ପରି ନୂତନ ସ୍ଥାନଗୁଡ଼ିକରେ ଡିପୋ ନିର୍ମାଣ କାର୍ଯ୍ୟ ମଧ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ।

'ପିଏମ୍ ଇ-ବସ୍ ସେବା' (PM eBus Sewa) ଅଧୀନରେ ଓଡ଼ିଶା ପାଇଁ ସମୁଦାୟ ୪୦୦ଟି ବୈଦ୍ୟୁତିକ ବସ୍ ମଞ୍ଜୁର ହୋଇଛି, ଯେଉଁଥିରେ ଭୁବନେଶ୍ୱର, କଟକ ଏବଂ ରାଉରକେଲା ପାଇଁ ୧୦୦ଟି ଲେଖାଏଁ ଏବଂ ବ୍ରହ୍ମପୁର ଓ ସମ୍ବଲପୁର ପାଇଁ ୫୦ଟି ଲେଖାଏଁ ବସ୍ ଅନ୍ତର୍ଭୁକ୍ତ । କେନ୍ଦ୍ର ସରକାରଙ୍କ ଦ୍ୱାରା ବସ୍ ପରିଚାଳକ ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ CRUT ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ବସ୍‌ଗୁଡ଼ିକର ଚାର୍ଜିଂ ଏବଂ ରକ୍ଷଣାବେକ୍ଷଣ ପାଇଁ ବର୍ତ୍ତମାନ ଡିପୋ ନିର୍ମାଣ କାର୍ଯ୍ୟ ଜାରି ରହିଛି ।

CRUT ଡିଜିଟାଲ୍ ଟିକେଟିଂ ଏବଂ ନଗଦବିହୀନ କାରବାର ଉପରେ ବିଶେଷ ଗୁରୁତ୍ୱ ଦେଉଛି । ପାଞ୍ଚଟି ପ୍ରମୁଖ ସ୍ଥାନରେ ସ୍ୱୟଂଚାଳିତ ଟିକେଟ୍ ମେସିନ୍ (ATVM) ସହିତ UPI, NCMC କାର୍ଡ, ଆମ ବସ୍ ସ୍ମାର୍ଟ କାର୍ଡ, WhatsApp ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ ଟିକେଟ୍ କାଟିବାର ସୁବିଧା ରହିଛି । ନୂତନ ମୋବାଇଲ୍ ଆପ୍ ମାଧ୍ୟମରେ ଯାତ୍ରୀମାନେ ବସ୍‌ର ଲାଇଭ୍ ଟ୍ରାକିଂ ଏବଂ ବସ୍‌ରେ ଉପଲବ୍ଧ ସିଟ୍ ସମ୍ପର୍କରେ ସୂଚନା ପାଇପାରୁଛନ୍ତି, ଯାହା ଯାତ୍ରାକୁ ଆହୁରି ସୁବିଧାଜନକ

କରିଛି । ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ସାଧାରଣ ଯାତ୍ରୀଙ୍କୁ ୧୦ ପ୍ରତିଶତ ଏବଂ ମହିଳା ଯାତ୍ରୀଙ୍କୁ ୧୫ ପ୍ରତିଶତ ରିହାତି ଦିଆଯାଉଛି । ଏଥିସହିତ ସମସ୍ତ ସହରରେ ଆମ ବସ୍ ଆପ୍ ଏବଂ ସ୍ମାର୍ଟ କାର୍ଡ ମାଧ୍ୟମରେ ଦୈନିକ ଏବଂ ମାସିକ ପାସ୍ ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି ।

ସୁରକ୍ଷା, ସୁଗମତା ଏବଂ ସେବାର ମାନ:

ଯାତ୍ରୀମାନଙ୍କ ସୁରକ୍ଷା ଏବଂ ସମସ୍ତଙ୍କ ପାଇଁ ସମାନ ସୁବିଧା ଯୋଗାଇବା CRUT ର ପରିଚାଳନା ଶୈଳୀର ଏକ ପ୍ରମୁଖ ଅଂଶ । ସମସ୍ତ ବସ୍‌ରେ ସିସିଟିଭି (CCTV) କ୍ୟାମେରା, ଜରୁରୀକାଳୀନ ଏସ୍‌ଓଏସ୍ (SOS) ବଟନ୍, ଯାତ୍ରୀ ସୂଚନା ପ୍ରଦର୍ଶନ ବ୍ୟବସ୍ଥା, ଅଡିଓ ସୂଚନା ଏବଂ ଗାଡ଼ିର ଗତିବିଧି ଜାଣିବା ପାଇଁ ଲାଇଭ୍ ଟ୍ରାକିଂ ସୁବିଧା ରହିଛି । ପୁରୀରେ ଚାଲୁଥିବା ବସ୍‌ଗୁଡ଼ିକରେ ହୁଇଲ୍ ଚେୟାର୍ ବ୍ୟବହାର କରୁଥିବା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର 'ରାମ୍ପ'ର ବ୍ୟବସ୍ଥା କରାଯାଇଛି । ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି, ଯେଉଁଥିରେ ଚାଳକମାନଙ୍କ ମଦ୍ୟପାନ ପରୀକ୍ଷା, ଅକସ୍ମାତ ବ୍ରୁଟ୍ ଯାଞ୍ଚ, ଗତି ନିୟନ୍ତ୍ରଣ ପାଇଁ 'ସ୍ପିଡ୍ ଗଭର୍ଣ୍ଣର' ଏବଂ ଦୁର୍ଘଟଣା ରୋକିବା ପାଇଁ "ନିରାପଦ ଦୂରତା ରକ୍ଷା କରନ୍ତୁ" ଭଳି ସଚେତନତା ସୂଚନା ବ୍ୟବହାର କରାଯାଉଛି । ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ (Central Control Centre) ମାଧ୍ୟମରେ ନିରନ୍ତର ବସ୍ ସେବାର ଅନୁଧ୍ୟାନ କରାଯାଉଛି ଏବଂ ଯାତ୍ରୀଙ୍କ ଅଭିଯୋଗର ସମାଧାନ କରାଯାଉଛି । ବସ୍ ଚାଳକ (Captains) ଏବଂ ଗାଇଡ୍‌ମାନଙ୍କ କାର୍ଯ୍ୟଦକ୍ଷତା ଆଧାରରେ ସେମାନଙ୍କୁ ମାସିକ ଓ ତ୍ରୈମାସିକ ଭିତ୍ତିରେ ପୁରସ୍କାର ତଥା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉଛି ।

CRUT ର ଗ୍ରାହକ ସେବା କେନ୍ଦ୍ର ଦୈନିକ ୧୫୦ରୁ ଅଧିକ କଲ୍ ଗ୍ରହଣ କରି 'ଆମ ବସ୍' ଏବଂ 'ଓଡ଼ିଶା ଯାତ୍ରୀ' ସେବା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରୁଛି । ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଚାଳକଙ୍କୁ ସାହାଯ୍ୟ କରୁଥିବା 'ଏଡାସ୍' (ADAS) ଏବଂ ଚାଳକଙ୍କ କ୍ଲାନ୍ତି ଉପରେ ନଜର ରଖୁଥିବା 'ଡିଏଫଏମଏସ' (DFMS) ପରି ଅତ୍ୟାଧୁନିକ ବୈଷୟିକ ବ୍ୟବସ୍ଥା ଲଗାଇବା ପ୍ରକ୍ରିୟା ଜାରି ରହିଛି । ଏହା ସହିତ ଟିକେଟ୍ ବାହାରେ ସଂସ୍ଥାର ରାଜସ୍ୱ ବୃଦ୍ଧି କରିବା ପାଇଁ ବସ୍ ଷ୍ଟପ୍, ବସ୍‌ର ବାହାର ପାର୍ଶ୍ୱ, ଭିତର ହ୍ୟାଣ୍ଡରେଲ୍, ସିଟ୍‌ର ପଛ ଭାଗ ଏବଂ ନୂଆ ବସ୍‌ରେ ଥିବା ଏଲଇଡି (LED) ସିଷ୍ଟମରେ ବିଜ୍ଞାପନ ପ୍ରଦର୍ଶନ ପାଇଁ ପଦକ୍ଷେପ ନିଆଯାଉଛି ।

'ଆମ ବସ୍' ସେବା ଅଧୀନରେ ନୂତନ ବସ୍‌ର ଶୁଭାରମ୍ଭ କରୁଛନ୍ତି ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର

ପୁଣେକୁ ଇଭି ବସ୍ ଡ୍ରାଇଭିଂ ପ୍ରଶିକ୍ଷଣ ପାଇଁ ଯାତ୍ରା କରିବା ପୂର୍ବରୁ ମହିଳା 'କୁଟ୍' ବସ୍ ଚାଳିକାମାନଙ୍କ ସହ ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର

ଶେଷ ମାଇଲ୍ ସଂଯୋଗୀକରଣ ଏବଂ ସେବା ସମନ୍ୱୟ:

ଯାତ୍ରୀମାନଙ୍କୁ ସେମାନଙ୍କ ଘର ପାଖରୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ସୁବିଧାରେ ପହଞ୍ଚାଇବା ପାଇଁ CRUT 'ଆମ ଇ-ରାଇଡ୍' ଏବଂ 'ଓଡ଼ିଶା ଯାତ୍ରୀ' ମାଧ୍ୟମରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରୁଛି । 'ଓଡ଼ିଶା ଯାତ୍ରୀ' ପ୍ଲାଟଫର୍ମ ଜରିଆରେ ୧୪,୫୮୮ ଜଣ ଚାଳକ କୌଣସି କମିଶନ ନଦେଇ ପ୍ରାୟ ୭.୩୫ କୋଟି ଟଙ୍କା ରୋଜଗାର କରିଛନ୍ତି, ଯାହା ସେମାନଙ୍କ ପାଇଁ ଆର୍ଥିକ ଉନ୍ନତିର ନୂଆ ସୁଯୋଗ ସୃଷ୍ଟି କରିଛି । ଏହା ବ୍ୟତୀତ, CRUT ନିକଟରେ ଚିଲିକା ଏବଂ ସାତପଡ଼ା ପାଇଁ ବୋଟ୍ ସର୍ଭିସ୍ (ନୌକା ବିହାର) ବୁକିଂ ସୁବିଧା ମଧ୍ୟ 'ଓଡ଼ିଶା ଯାତ୍ରୀ' ପ୍ଲାଟଫର୍ମରେ ସାମିଲ କରିଛି । ଆଗାମୀ ଦିନରେ ଏହି ଆପ୍ ମାଧ୍ୟମରେ ଆମ୍ବୁଲାନ୍ସ ବୁକିଂ ସେବା ଯୋଗାଇ ଦେବା ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ ଚାଲିଛି ।

ପୁରସ୍କାର ଏବଂ ସ୍ୱୀକୃତି:

- ସହରାଞ୍ଚଳ ପରିବହନ କ୍ଷେତ୍ରରେ CRUT ର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହାକୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି, ଯେଉଁଥିରେ ସାମିଲ ଅଛି:
- ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦତ୍ତ ୧୮ତମ ଅର୍ବାନ ମୋବିଲିଟି ଇଣ୍ଡିଆ ଆୱାର୍ଡ (୨୦୨୫) ।
- ଆସୋସିଏସନ୍ ଅଫ୍ ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ ଅଣ୍ଡରଟେକିଙ୍ଗସ୍ (ASRTU) ଦ୍ୱାରା ପ୍ରଦତ୍ତ ନ୍ୟାସନାଲ ପବ୍ଲିକ୍ ବସ୍ ଟ୍ରାନ୍ସପୋର୍ଟ ଏକ୍ସଲେନ୍ସ ଆୱାର୍ଡ (୨୦୨୫) ।

ୟୁଏମ୍ଆଇ କନଫରେନ୍ସ ୨୦୨୫ରେ 'ଆମ ବସ୍' ଏବଂ 'ଆମ ଇ-ରାଇଡ୍' ଅଭିଯାନକୁ 'ସ୍ପେଶାଲ ମେନସନ' ଆୱାର୍ଡ

ସହରୀ ଯାତାୟାତ ସେବାକୁ ଉନ୍ନତ କରୁଥିବା CRUT ପରିବହନ କର୍ମଚାରୀ

ଅଧ୍ୟାୟ ୫:
ଯୋଜନା (PLANNING)

ସହରୀ ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଏକ ଗତିଶୀଳ ଏବଂ ସମନ୍ୱିତ ସହରୀ ପରିବେଶ ଗଠନ କରିବା, ଯେଉଁଠାରେ ନିର୍ମିତ ଏବଂ ଖୋଲା ସ୍ଥାନଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରହିବ । ଏହା ଆଜିର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ସହ ଆଗାମୀ ଦିନର ଆହ୍ୱାନଗୁଡ଼ିକର ମୁକାବିଲା କରି ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ସ୍ଥାୟୀ, ସୁଦୃଢ଼ ଏବଂ ସମସ୍ତଙ୍କ ପାଇଁ ଉପଯୋଗୀ ସହର ଗଠନ କରିବାରେ ସାହାଯ୍ୟ କରେ ।

ଓଡ଼ିଶାର ନଗର ଯୋଜନା ନିର୍ଦ୍ଦେଶାଳୟ (Directorate of Town Planning) ରାଜ୍ୟର ସହରାଞ୍ଚଳଗୁଡ଼ିକ ପାଇଁ ମାଷ୍ଟର ପ୍ଲାନ୍ ଏବଂ ବିକାଶ ଯୋଜନା ପ୍ରସ୍ତୁତ, ସଂଶୋଧନ ଏବଂ କାର୍ଯ୍ୟକାରୀ କରିବାରେ ନିୟୋଜିତ ଅଛି । ରାଜ୍ୟରେ ସହରୀ ଯୋଜନା ଏବଂ ଯୋଜନାର ସଫଳ ରୂପାୟନ ପାଇଁ ୧୯୫୪ ମସିହାରେ ଏହା ପ୍ରତିଷ୍ଠା କରାଯାଇଥିଲା । ପୂର୍ବରୁ ଥିବା 'ଟାଉନ୍ ପ୍ଲାନିଂ ଅର୍ଗାନାଇଜେସନ୍' ବଦଳରେ ୧୯୭୫ ମସିହାରେ 'ଓଡ଼ିଶା ନଗର ଯୋଜନା ଏବଂ ଉନ୍ନୟନ ଟ୍ରଷ୍ଟ ଆଇନ, ୧୯୫୭'ର ନିୟମ ଅନୁଯାୟୀ ବର୍ତ୍ତମାନର 'ନଗର ଯୋଜନା ନିର୍ଦ୍ଦେଶାଳୟ' ଗଠନ କରାଯାଇଥିଲା ।

କ) ଜିଆଇଏସ୍ (GIS) ଭିତ୍ତିକ ମାଷ୍ଟର ପ୍ଲାନିଂ:

ORSAC ର ସହାୟତାରେ ଜିଆଇଏସ୍ (GIS) ଭିତ୍ତିକ ସମନ୍ୱିତ ବିକାଶ ଏବଂ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି, ଯାହାଦ୍ୱାରା ଜମିର ବ୍ୟବହାର ସମ୍ପର୍କିତ ସଠିକ୍ ଓ ସୂକ୍ଷ୍ମ ମାନଚିତ୍ର ପ୍ରସ୍ତୁତ କରାଯାଇପାରିବ । ରାଜ୍ୟର ୯ଟି ଉନ୍ନୟନ କର୍ତ୍ତୃପକ୍ଷ (Development Authorities) ମଧ୍ୟରୁ ଭୁବନେଶ୍ୱର, କଟକ, ପାରାଦ୍ୱୀପ, କଳିଙ୍ଗ ନଗର, ବ୍ରହ୍ମପୁର, ରାଉରକେଲା ଏବଂ ଅନୁଗୁଳ (TAMDA)ର ଯୋଜନାଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ (ODA) ଆଇନ, ୧୯୮୨ ଅନୁଯାୟୀ ଅନୁମୋଦିତ ହୋଇସାରିଛି । ସେହିପରି ପୁରୀ (PKDA) ଏବଂ ସମ୍ବଲପୁର (SDA) ର ଚିଠା ଯୋଜନା ପ୍ରକାଶ ପାଇଛି । ଏହା ବ୍ୟତୀତ ଓଡ଼ିଶାର ୬୨ଟି ସହର ପାଇଁ GIS/RS ଭିତ୍ତିକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି, ଯାହା ସମ୍ପୃକ୍ତ ସହର ପାଇଁ ଥିବା ନିୟମ ଅନୁସାରେ ଅଧିସୂଚିତ କରାଯିବା ଏଥିପାଇଁ ଚୟନ ହୋଇଥିବା ସଂସ୍ଥା ଏବଂ ଯୋଜନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇସାରିଛି ।

ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ GIS ଭିତ୍ତିକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ପାଇଁ AMRUT ଅଧୀନରେ ଏକ ଉପ-ଯୋଜନା ଆରମ୍ଭ କରାଯାଇଛି । ଏହାର ତିନୋଟି ମୁଖ୍ୟ ଦିଗ ହେଉଛି- (i) ଜିଓ ଡାଟାବେସ୍ ପ୍ରସ୍ତୁତି, (ii) ମାଷ୍ଟର ପ୍ଲାନ୍ ରୂପାୟନ ଏବଂ (iii) ଦକ୍ଷତା ବୃଦ୍ଧି । ଏହି ନିୟମାବଳୀ ଅନୁଯାୟୀ, ୭ଟି 'ଅମୃତ' (AMRUT) ସହରର ସହରୀ ସେବା ସମ୍ପତ୍ତିର ମ୍ୟାପିଂ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (BDA) ମାଧ୍ୟମରେ ନୂତନ ଭାବେ ସାମିଲ ହୋଇଥିବା ଅଞ୍ଚଳ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଏବଂ ORSAC ଜରିଆରେ ବୈଷୟିକ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟସ୍ତରୀୟ କମିଟି ଅନୁମୋଦନ ପ୍ରଦାନ କରିଛି । ସେହିପରି 'ଅମୃତ 9.0' (AMRUT 2.0) ଅଧୀନରେ ଓଡ଼ିଶା ସରକାର ୭ଟି ସହର- ରାଜଗାଙ୍ଗପୁର, ରାୟଗଡ଼ା, ସୁନାବେଡ଼ା, ଯୋଡ଼ା, କୋରାପୁଟ, ସୁନ୍ଦରଗଡ଼ ଏବଂ ପାରଳାଖେମୁଣ୍ଡିକୁ ଚୟନ କରିଛନ୍ତି ଏବଂ ଏହାର କାର୍ଯ୍ୟକାରୀ ଯୋଜନା ଭାରତ ସରକାରଙ୍କ ମନ୍ତ୍ରଣାଳୟ ନିକଟରେ ଦାଖଲ କରାଯାଇଛି ।

ଖ) ଭୁବନେଶ୍ୱର-କଟକ-ପାରାଦ୍ୱୀପ-ପୁରୀ ଅର୍ଥନୈତିକ ଅଞ୍ଚଳ (BCPPER):

ଶିଳ୍ପାୟନର ଦ୍ରୁତ ଅଭିବୃଦ୍ଧି, ଭିତ୍ତିଭୂମିର ବିକାଶ ଏବଂ ବ୍ୟାପକ ସହରୀକରଣ ଯୋଗୁଁ ଓଡ଼ିଶାର ଆଞ୍ଚଳିକ ଚିତ୍ରରେ ଏକ ଦ୍ରୁତ ପରିବର୍ତ୍ତନ ଦେଖାଦେଉଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର-କଟକ-ପାରାଦ୍ୱୀପ-ପୁରୀ କରିଡର ରାଜ୍ୟର ସବୁଠାରୁ ଉନ୍ନତିଶୀଳ ସହରୀ ତଥା ଅର୍ଥନୈତିକ ଜୋନ୍ ଭାବରେ ଉଭା ହୋଇଛି, ଯେଉଁଥିରେ ରାଜଧାନୀ, ଐତିହାସିକ ରାଜଧାନୀ, ପ୍ରମୁଖ ଶିଳ୍ପ ଓ ବନ୍ଦର ହବ୍ ଏବଂ ଏକ ମୁଖ୍ୟ ପର୍ଯ୍ୟଟନ ତଥା ସାଂସ୍କୃତିକ କେନ୍ଦ୍ର ସାମିଲ ରହିଛି । ପରିବହନ, ଶ୍ରମିକ, ବାଣିଜ୍ୟ, ଶିକ୍ଷା ଏବଂ ସେବା କ୍ଷେତ୍ରରେ ଥିବା ସୁଦୃଢ଼ ସମନ୍ୱୟ ଯୋଗୁଁ ଏହି ଅଞ୍ଚଳ ଏକ ସମନ୍ୱିତ ଅର୍ଥନୈତିକ ଏବଂ ଭୌଗୋଳିକ ବ୍ୟବସ୍ଥାର ପରିଚୟ ଦେଉଛି ।

ଓଡ଼ିଶାର ସମୁଦାୟ ସହରୀ ଜନସଂଖ୍ୟାର ୪୦ ପ୍ରତିଶତରୁ ଅଧିକ ଏହି ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ଅର୍ଥନୈତିକ ଅଞ୍ଚଳରେ (BCPPER) ବାସ କରନ୍ତି । ଏହା ସହିତ ରାଜ୍ୟର ଶିଳ୍ପ ଉତ୍ପାଦନ, ସାଂସ୍ଥାନିକ ପ୍ରତିଷ୍ଠାନ ଏବଂ ସେବା କ୍ଷେତ୍ରରେ ନିଯୁକ୍ତିର ଏକ ବଡ଼ ଅଂଶ ଏହି ଅଞ୍ଚଳରୁ ହିଁ ଆସିଥାଏ । ଭୁବନେଶ୍ୱର ପ୍ରଶାସନିକ ଏବଂ ଜ୍ଞାନର କେନ୍ଦ୍ର (Knowledge Hub) ଭାବେ କାର୍ଯ୍ୟ କରୁଥିବା ବେଳେ କଟକ ହେଉଛି ନ୍ୟାୟିକ ଏବଂ ବାଣିଜ୍ୟିକ କେନ୍ଦ୍ର । ସେହିପରି ପାରାଦ୍ୱୀପ ଶିଳ୍ପ ଓ ବନ୍ଦରର ପ୍ରବେଶ ପଥ ଏବଂ ପୁରୀ ରାଜ୍ୟର ସାଂସ୍କୃତିକ ତଥା ପର୍ଯ୍ୟଟନର ମୁଖ୍ୟ ଆଧାର ଅଟେ । ଖୋର୍ଦ୍ଧା, ଜଗତସିଂହପୁର ଏବଂ ପିପିଲି ଚାରିପାଖରେ ଗଢ଼ି ଉଠୁଥିବା ନୂତନ ସହରାଞ୍ଚଳଗୁଡ଼ିକ ଏହି ସବୁ ସହରକୁ ଏକ ନିରନ୍ତର ଅର୍ଥନୈତିକ କରିଡର ଭାବରେ ଯୋଡ଼ିବାରେ ସାହାଯ୍ୟ କରୁଛି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିସିପିପିଇଆର୍ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି



ଗ) ସମୃଦ୍ଧ ସହର:

ଓଡ଼ିଶାରେ ସୁଚିନ୍ତିତ ସହରୀକରଣ ଏବଂ ଅର୍ଥନୈତିକ ବିକାଶକୁ ଆଗକୁ ବଢ଼ାଇବା ପାଇଁ 'ସମୃଦ୍ଧ ସହର' ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସହରଗୁଡ଼ିକୁ ଉନ୍ନତ ଭିତ୍ତିଭୂମି, ସେବା ଏବଂ ନୂତନ ସୁଯୋଗ ସହ ବିକାଶର ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବା । "ବିକଶିତ ଓଡ଼ିଶା ୨୦୩୬" ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ଯୋଜନା ଆଗାମୀ ଦଶନ୍ଧି ଏବଂ ତା' ପରବର୍ତ୍ତୀ ସମୟ ପାଇଁ ବିକାଶର ଏକ ସ୍ପଷ୍ଟ ରୂପରେଖ ପ୍ରସ୍ତୁତ କରୁଛି ।

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା:

- ସହରାଞ୍ଚଳର ସୁବ୍ୟବସ୍ଥିତ ଏବଂ ସନ୍ତୁଳିତ ବିକାଶ ପାଇଁ ସୁଚିନ୍ତିତ, ସମସ୍ତଙ୍କୁ ସାମିଲ କରୁଥିବା ଏବଂ ସ୍ଥାୟୀ ସହରୀ ଯୋଜନାକୁ ପ୍ରୋତ୍ସାହନ ଦେବା ।
- ସହରଗୁଡ଼ିକରେ ସାମାଜିକ ଏବଂ ଆର୍ଥିକ ସୁଯୋଗ ବୃଦ୍ଧି କରିବା, ଯାହାଦ୍ୱାରା ସହରବାସୀଙ୍କ ଜୀବନଧାରଣର ମାନ ଏବଂ ରୋଜଗାରରେ ଉନ୍ନତି ଆସିପାରିବ ।
- ସହରୀ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଯେପରିକି ଉନ୍ନତ ରାସ୍ତାଘାଟ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ନର୍ଦ୍ଦମା ନିଷ୍କାସନ ନେଟୱାର୍କ ଏବଂ ଅନ୍ୟାନ୍ୟ ଜନସେବା କେନ୍ଦ୍ରର ବିକାଶ କରିବା ।
- ପୁଞ୍ଜିନିବେଶ ବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ନୂତନ ଚିନ୍ତାଧାରାକୁ ଗୁରୁତ୍ୱ ଦେଇ ସହରଗୁଡ଼ିକୁ ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ସାରଥି ଭାବେ ଗଢ଼ି ତୋଳିବା ।
- 'ଟାଉନ୍ ପ୍ଲାନିଂ ସ୍କିମ୍'ର ସଠିକ ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ମାଧ୍ୟମରେ ଜମିର ବ୍ୟବହାରକୁ ଶୃଙ୍ଖଳିତ ଏବଂ ସର୍ବୋତ୍ତମ କରିବା ।



୧ . ଟାଉନ୍ ପ୍ଲାନିଂ ସ୍କିମ୍ (TPS):

ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଜମିର ପୁନଃସଂଗଠନ (Land Reconstitution) ମାଧ୍ୟମରେ ସହର ତଳି ଅଞ୍ଚଳଗୁଡ଼ିକର ସୁବ୍ୟବସ୍ଥିତ ଏବଂ ସ୍ଥାୟୀ ବିକାଶ କରିବା । ଏହା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଏବଂ ୨୦୩୦ ସୁଦ୍ଧା ସ୍ଥାୟୀ ବିକାଶ ଲକ୍ଷ୍ୟ (SDG) ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଏହି ଯୋଜନା ଅଧୀନରେ ରିଙ୍ଗ ରୋଡ୍, ସହର ଭିତରର ରାସ୍ତା, ପାନୀୟ ଜଳ ଯୋଗାଣ, ନର୍ଦ୍ଦମା ନିଷ୍କାସନ, ଡ୍ରେନେଜ୍ ଏବଂ ବିଦ୍ୟୁତ ସଂଯୋଗ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମିର ବିକାଶ କରାଯାଇ ସହରର ସନ୍ତୁଳିତ ଅଭିବୃଦ୍ଧିକୁ ନିଶ୍ଚିତ କରାଯାଉଛି ।

ଏଥିରେ ଜମି ମାଲିକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତି ଏବଂ ସେମାନଙ୍କର ମୂଳ ଜମିର ୬୦ ପ୍ରତିଶତ ଅଂଶକୁ ସମସ୍ତ ସୁବିଧା ଥିବା ବିକଶିତ ପ୍ଲଟ୍ ଆକାରରେ ଫେରି ପାଆନ୍ତି । ଏହି ପ୍ଲଟଗୁଡ଼ିକରେ ଅଧିକ ଫ୍ଲୋର୍ ସ୍ପେସ୍ ଇଣ୍ଡେକ୍ସ (FSI) ବା ଅଧିକ ନିର୍ମାଣ କ୍ଷମତା ମିଳୁଥିବାରୁ ଜମିର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଥାଏ । ବାକି ୪୦ ପ୍ରତିଶତ ଜମିକୁ ସାଧାରଣ ଜନସେବା ଏବଂ ରାଜସ୍ୱ ସୃଷ୍ଟି ପାଇଁ ବ୍ୟବହାର କରାଯାଇଥାଏ । ଏହି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ପାଣ୍ଠି ରାଜ୍ୟ ସରକାରଙ୍କ ଅନୁଦାନ, CIDF, ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ଏବଂ ବିକ୍ରୟଯୋଗ୍ୟ ପ୍ଲଟ୍ ମାଧ୍ୟମରେ ଭରଣା କରାଯାଏ ।

ଉନ୍ନୟନ କର୍ତ୍ତୃପକ୍ଷ (DAs) ମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ବ୍ୟବସ୍ଥାରେ ସରକାର ଏବେ ସୁଦ୍ଧା ୪୫ଟି ଟାଉନ୍ ପ୍ଲାନିଂ ସ୍କିମ୍ ପ୍ରସ୍ତୁତ କରିଛନ୍ତି ।

ଏହା ଭୁବନେଶ୍ୱର ଚାରିପାଖରେ ଥିବା ୭୪.୯୩ କିଲୋମିଟର ରିଙ୍ଗ ରୋଡ୍ କଡ଼ରେ ପ୍ରାୟ ୯,୭୨୩ ଏକର ଜମିରେ ବ୍ୟାପିଛି, ଯାହା ସହରର ସମ୍ପୂର୍ଣ୍ଣ ରୂପରେଖ ବଦଳାଇବାରେ ସାହାଯ୍ୟ କରିବ ।

୨. ପ୍ରଗତିର ମୁଖ୍ୟ କେନ୍ଦ୍ର ଭାବେ ସହର (Cities as Growth Hubs):

ଏହି ପଦକ୍ଷେପ ମାଧ୍ୟମରେ ସହରାଞ୍ଚଳଗୁଡ଼ିକୁ ଅର୍ଥନୈତିକ ପରିବର୍ତ୍ତନ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶର ମୁଖ୍ୟ ସାରଥି ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ବିଭିନ୍ନ ଅର୍ଥନୈତିକ କ୍ଲଷ୍ଟର (Economic Clusters), ଶିଳ୍ପାଞ୍ଚଳ (Industrial Townships), ମେଟ୍ରୋପଲିଟାନ୍ ଅଞ୍ଚଳ ଏବଂ ସହରୀ କରିଡର ନିର୍ମାଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ସହରଗୁଡ଼ିକୁ ଅଧିକ ସୁସଂଗଠିତ, ପରସ୍ପର ସହ ସଂଯୁକ୍ତ ଏବଂ ପ୍ରତିଯୋଗିତାମୂଳକ କରିବା ପାଇଁ ଶିଳ୍ପ, ଆବାସିକ ଯୋଜନା, ଯୋଗାଯୋଗ ଏବଂ ସେବା କ୍ଷେତ୍ରକୁ ଏକାଠି ଯୋଡ଼ି ଯୋଜନା ପ୍ରସ୍ତୁତ କରାଯାଉଛି ।

ଏହା ସହିତ ସହରଗୁଡ଼ିକର ନବୀକରଣ ପାଇଁ କମ୍ ଖର୍ଚ୍ଚରେ ଘର (Affordable Housing), ବସ୍ତି ବାସିନ୍ଦାଙ୍କ ଥଇଥାନ ଏବଂ ବାଣିଜ୍ୟିକ ଅଞ୍ଚଳଗୁଡ଼ିକର ପୁନରୁଦ୍ଧାର ପରି ରଚନାତ୍ମକ କୌଶଳ ଆପଣାଯାଉଛି । ଏହି ବ୍ୟବସ୍ଥା ସହରୀ ଯୋଜନା ପ୍ରତିଷ୍ଠାନଗୁଡ଼ିକୁ ଅଧିକ ସୁଦୃଢ଼ କରିବା ସହ ମାଷ୍ଟର ପ୍ଲାନ୍‌ର ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ଲାଗୁ କରିବା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସାହାଯ୍ୟ କରିବ ।



ପ୍ରମୁଖ ସଫଳତା:

* ୧. ସହରୀ ଯୋଜନା ବ୍ୟବସ୍ଥାକୁ ଅଧିକ ଆଧୁନିକ କରିବା ପାଇଁ ରାଜ୍ୟ ସରକାର ଅନେକ ବଡ଼ ସଂସ୍କାର ଆଣିଛନ୍ତି । ଏଥିରେ ସମସ୍ତଙ୍କୁ ସାମିଲ କରୁଥିବା ଜୋନିଂ ବ୍ୟବସ୍ଥା (Inclusive Zoning), ସରଳୀକୃତ ନିୟମାବଳୀ ଏବଂ ଏକ ସୁଦୃଢ଼ ଡିଜିଟାଲ୍ ଅନୁମୋଦନ ବ୍ୟବସ୍ଥା (Digital Approval System) କାର୍ଯ୍ୟକାରୀ କରାଯାଇଛି । ଓଡ଼ିଶା ବିକାଶ ପ୍ରାଧିକରଣ (ଯୋଜନା ଏବଂ ନିର୍ମାଣ ମାନକ) ନିୟମ, ୨୦୨୦ ଏବଂ ଓଡ଼ିଶା ନଗର ଯୋଜନା ଓ ଉନ୍ନୟନ ଟ୍ରଷ୍ଟ ନିୟମ, ୨୦୨୧ରେ ଆବଶ୍ୟକୀୟ ସଂଶୋଧନ କରି ଏହି ସଂସ୍କାରଗୁଡ଼ିକୁ ଲାଗୁ କରାଯାଇଛି ।

* ୨. ଗତ ୦୩.୧୨.୨୦୨୫ ରିଖରେ ଓଡ଼ିଶା ଗେଜେଟ୍ (ନଂ. ୫୬୨୯) ରେ ପ୍ରକାଶିତ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ମାଧ୍ୟମରେ ବହୁ ସଂଖ୍ୟକ ଆପାର୍ଟମେଣ୍ଟ ମାଲିକ ଏବଂ ଘର କିଣିଥିବା ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରାଯାଇଛି । RERA ଏବଂ OAOM ଆଇନ ପୂର୍ବରୁ ରହିଥିବା ପୁରୁଣା ସମସ୍ୟା ଯୋଗୁଁ ଯେଉଁମାନେ ନିଜ ଘରର ପୁନଃ-ବିକ୍ରୟ (Resale) ଦଲିଲ୍ ପଞ୍ଜିକରଣ କରିପାରୁନଥିଲେ, ଏହି ନିର୍ଦ୍ଦେଶନାମା ଦ୍ୱାରା ସେମାନଙ୍କ ସମସ୍ୟାର ସମାଧାନ ହୋଇଛି ।

* ୩. ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳର (Economic Region) ଭବିଷ୍ୟତ ରୂପରେଖ ସମ୍ପର୍କରେ ନିତି (NITI) ଆୟୋଗ, ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିବିଶେଷ, ସରକାରୀ ଅନୁଷ୍ଠାନ ଏବଂ ଜନସେବା କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ବିସିପିପିଇଆର୍ ଅର୍ଥନୈତିକ ଯୋଜନାର ଶୁଭାରମ୍ଭ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣ

ଅଧ୍ୟାୟ ୬:
ଗୃହନିର୍ମାଣ (HOUSING)

ଓଡ଼ିଶାର ସହରାଞ୍ଚଳରେ 'ସମସ୍ତଙ୍କ ପାଇଁ ଆବାସ' (Housing for All) ନିଶ୍ଚିତ କରିବା ଲକ୍ଷ୍ୟରେ ୨୦୧୫ ମସିହାରେ ଓଡ଼ିଶା ସହରୀ ଆବାସ ମିଶନ (OUHM) ପ୍ରତିଷ୍ଠା କରାଯାଇଛି । ଆକଳନ ଅନୁଯାୟୀ, ଓଡ଼ିଶାର ସହରାଞ୍ଚଳରେ ପ୍ରାୟ ୮.୨ ଲକ୍ଷ ସୁଲଭ ଓ ସୁନ୍ଦର ଘରର (Affordable House) ଆବଶ୍ୟକତା ରହିଛି ।

ସେଥିମଧ୍ୟରୁ ଆର୍ଥିକ ଅନଗ୍ରସର ଶ୍ରେଣୀ (EWS) ର ଚାହିଦା ୪.୬ ଲକ୍ଷ (HFAPoA ସର୍ଭେ ଅନୁଯାୟୀ) ଏବଂ ସ୍ୱଳ୍ପ ଆୟକାରୀ ଶ୍ରେଣୀ (LIG) ର ଚାହିଦା ୨.୮ ଲକ୍ଷ (ଜାତୀୟ ଅନୁପାତ ଅନୁଯାୟୀ) ରହିଛି । ସହରାଞ୍ଚଳର ଏହି ଆବାସିକ ଚାହିଦା ପୂରଣ କରିବା ପାଇଁ ସୁଦୃଢ଼ ପ୍ରଶାସନିକ ଏବଂ ଆଇନଗତ ବ୍ୟବସ୍ଥା ମାଧ୍ୟମରେ ବିଭିନ୍ନ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

କ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା – (ସହରାଞ୍ଚଳ):

ଭାରତ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)', ୨୫ ଜୁନ୍ ୨୦୧୫ରେ ଆରମ୍ଭ କରାଯାଇଥିଲା । ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ୨୦୨୨ ସୁଦ୍ଧା ସହରାଞ୍ଚଳରେ "ସମସ୍ତଙ୍କ ପାଇଁ ଆବାସ" ସ୍ୱପ୍ନକୁ ସାକାର କରିବା । ବସ୍ତି ବାସିନ୍ଦାଙ୍କ ସମେତ ସହରର ଗରିବ ପରିବାରଗୁଡ଼ିକୁ ପକ୍କା ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କ ବାସଗୃହ ସମସ୍ୟାର ସମାଧାନ କରିବା ପାଇଁ ଏହି ମିଶନର ପରିକଳ୍ପନା କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ସଫଳତା ଏବଂ ଅଭିଜ୍ଞତାକୁ ଆଧାର କରି, ଯୋଗ୍ୟ ସହରୀ ପରିବାରଗୁଡ଼ିକର ନୂତନ ଆବାସିକ ଚାହିଦା ପୂରଣ କରିବା ପାଇଁ ଭାରତ ସରକାର ୧୭ ସେପ୍ଟେମ୍ବର ୨୦୨୪ରେ ଭୁବନେଶ୍ୱରଠାରେ PMAY–U 2.0 ର ଶୁଭାରମ୍ଭ କରିଛନ୍ତି । ଏହି ନୂତନ ପର୍ଯ୍ୟାୟର ଲକ୍ଷ୍ୟ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳର ସମସ୍ତ ନାଗରିକଙ୍କ ପାଇଁ ଏକ ସମ୍ମାନଜନକ ଜୀବନଧାରଣ ନିଶ୍ଚିତ କରିବା ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ପ୍ରତ୍ୟେକ ସହରୀ ପରିବାର ପାଇଁ ସୁଲଭ ଆବାସ ଏବଂ ମର୍ଯ୍ୟାଦାଜନକ ଜୀବନଶୈଳୀ ସୁନିଶ୍ଚିତ କରିବା

PMAY–U 2.0 ର ଚାରୋଟି ମୁଖ୍ୟ ବିଭାଗ (Verticals):

ଓଡ଼ିଶାରେ ଏହି ଯୋଜନା ଓଡ଼ିଶା ସହରୀ ଆବାସ ମିଶନ (OUHM) ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି, ଯାହା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରକଳ୍ପ ପାଇଁ ରାଜ୍ୟସ୍ତରୀୟ ନୋଡାଲ୍ ଏଜେନ୍ସି (SLNA) ଭାବେ କାର୍ଯ୍ୟ କରୁଛି । PMAY-U 2.0 ଅଧୀନରେ ଓଡ଼ିଶା ସରକାର ରାଜ୍ୟସାରା 'ଭାଗିଦାରୀରେ ଶସ୍ତା ଓ ସୁନ୍ଦର ଗୃହ ନିର୍ମାଣ' (AHP) ପ୍ରକଳ୍ପଗୁଡ଼ିକୁ ଅଧିକ ପ୍ରୋତ୍ସାହନ ଦେଇ ସହରାଞ୍ଚଳରେ ବାସଗୃହ ସଂଖ୍ୟା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକରୁ ଅଧିକ ଯୋଗ୍ୟ ପରିବାରକୁ ଏହି ଯୋଜନାରେ ସାମିଲ କରି ଏକ ସମାବେଶୀ ବିକାଶ ନିଶ୍ଚିତ କରିବା ।



ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) - ସୁଲଭ ଆବାସ ମାଧ୍ୟମରେ ସହରୀ ପରିବାରଗୁଡ଼ିକୁ ସୁଦୃଢ଼ କରିବା

ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ:

- ଆର୍ଥିକ ଅନଗ୍ରସର ଶ୍ରେଣୀ (EWS) ପରିବାରଙ୍କ ପାଇଁ ଶୌଚାଳୟ, ପାଇପ୍‌ଯୁକ୍ତ ଜଳ ଏବଂ ନିରନ୍ତର ବିଦ୍ୟୁତ୍ ସଂଯୋଗ ଥିବା ସବୁଦିନିଆ ପକ୍କା ଘରର ବ୍ୟବସ୍ଥା କରାଯାଇଛି।
- ପରିବାରର ମହିଳା ମୁଖ୍ୟଙ୍କ ନାମରେ କିମ୍ବା ପୁରୁଷ ମୁଖ୍ୟଙ୍କ ସହ ମିଳିତ ଭାବେ ଘରର ମାଲିକାନା ପ୍ରଦାନକୁ ବାଧତାମୂଳକ କରାଯାଇଛି।
- PMAY-U 2.0 ଅଧୀନରେ ରାଜ୍ୟ ସରକାର ନିଜର ଆର୍ଥିକ ଅଂଶଧନକୁ ₹୫୦,୦୦୦ ରୁ ₹୧ ଲକ୍ଷକୁ ବୃଦ୍ଧି କରିଛନ୍ତି, ଯାହାଦ୍ୱାରା ହିତାଧିକାରୀଙ୍କୁ ମିଳୁଥିବା ମୋଟ ସହାୟତା ₹୨.୫ ଲକ୍ଷରେ ପହଞ୍ଚିଛି।
- ଏହି ଯୋଜନାରେ ସଫାଇ କର୍ମଚାରୀ, ଉଠା ଦୋକାନୀ, ପାରମ୍ପରିକ କାରିଗର, ଅଙ୍ଗନୱାଡି କର୍ମୀ ଏବଂ ବସ୍ତି ବାସିନ୍ଦାଙ୍କ ଭଳି 'ସ୍ୱତନ୍ତ୍ର ଫୋକସ୍ ଗ୍ରୁପ୍'କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି।
- ଘର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୨୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କଲେ ₹୨୦,୦୦୦ ଏବଂ ୧୮୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କଲେ ₹୧୦,୦୦୦ ର ଅତିରିକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି।
- ଭୂମିହୀନ EWS ହିତାଧିକାରୀଙ୍କୁ ମଧ୍ୟ AHP (Affordable Housing in Partnership) ବିଭାଗ ଅଧୀନରେ ନିର୍ମିତ ପକ୍କା ଘରର ମାଲିକାନା ପାଇବା ପାଇଁ କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯାଉଛି।

ଜଣେ ନିଷ୍ଠାପର ସଫେଇ କର୍ମଚାରୀ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ଜଣେ ହିତାଧିକାରୀ; ଜନକଲ୍ୟାଣକାରୀ ଯୋଜନା କିପରି ଜୀବନରେ ମର୍ଯ୍ୟାଦା ଓ ସୁରକ୍ଷା ଭରିଦିଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ

କ୍ଷେତ୍ରଭିତ୍ତିକ ଅଗ୍ରଗତି

PMAY–U ଏବଂ PMAY–U 2.0 ର BLC (ହିତାଧିକାରୀଙ୍କ ଦ୍ୱାରା ଗୃହ ନିର୍ମାଣ) ବିଭାଗ ଅଧୀନରେ ମୋଟ ୧,୮୯,୭୦୬ ଟି ବାସଗୃହ ମଞ୍ଜୁର କରାଯାଇଛି। ସେଥିମଧ୍ୟରୁ ୧,୬୧,୯୩୫ ଟି ଗୃହର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୧,୩୫,୩୧୮ ଟି ଗୃହର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି।

ISSR ବିଭାଗ ଅଧୀନରେ ୨,୯୦୦ ଟି ଆବାସିକ ୟୁନିଟ୍ ବିଶିଷ୍ଟ ତିନୋଟି ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ ୨,୦୪୦ ଟି ୟୁନିଟ୍‌ର କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ୧,୫୨୦ ଟି ୟୁନିଟ୍ ସମ୍ପୂର୍ଣ୍ଣ ହୋଇଛି।

AHP (ଭାଗିଦାରୀରେ ସୁଲଭ ଓ ସୁନ୍ଦର ଗୃହ ନିର୍ମାଣ) ବିଭାଗ ଅଧୀନରେ:

a. PMAY-U ଅଧୀନରେ ୯,୩୨୦ ଟି ଆବାସିକ ୟୁନିଟ୍ ବିଶିଷ୍ଟ ୧୦ ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି, ଯେଉଁଥିରୁ ୬,୩୧୨ ଟିର କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ୪,୫୫୨ ଟି ସମ୍ପୂର୍ଣ୍ଣ ହୋଇଛି ।

b. PMAY-U 2.0 ଅଧୀନରେ ୨,୭୩୬ ଟି ୟୁନିଟ୍ ବିଶିଷ୍ଟ ଗୋଟିଏ ପ୍ରକଳ୍ପ ମଞ୍ଜୁର କରାଯାଇଛି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ମାଧ୍ୟମରେ ସଶକ୍ତିକରଣ

PHYSICAL PROGRESS UNDER PMAY – U/ PMAY – U2.0				
PMAY Vertical	**No of DPR**	**Houses Sanctioned (No)**	**Houses Completed (No)**	**Houses Under Progress (No)**
Beneficiary led construction	1,242	1,89,706	1,35,318	26,617
Affordable Housing in Partnership	12	12,056	4,552	1,760
In situ Slum rehabilitation	3	2,900	1,520	520
TOTAL	1,257	2,04,662	1,41,390	28,897

Physical Progress under PMAY(U) / PMAY (U2.0)

ଆର୍ଥିକ ଅଗ୍ରଗତି:

- BLC (ହିତାଧିକାରୀଙ୍କ ଦ୍ୱାରା ଗୃହ ନିର୍ମାଣ) ବିଭାଗ ଅଧୀନରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (DBT) ମାଧ୍ୟମରେ ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ ₹୩,୦୦୦ କୋଟି ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି।
- AHP ଏବଂ ISSR ପ୍ରକଳ୍ପଗୁଡ଼ିକ ପାଇଁ ବର୍ତ୍ତମାନ ସୁଦ୍ଧା ମୋଟ ₹୩୧.୨୮୮ କୋଟି ଟଙ୍କାର ପାଣ୍ଠି ଜାରି କରାଯାଇଛି।
- ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ, BLC ବିଭାଗ ଅଧୀନରେ ହିତାଧିକାରୀଙ୍କୁ ମୋଟ ₹୧୨୫ କୋଟି ଟଙ୍କା ପ୍ରଦାନ କରାଯାଇଛି।
- ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରୁଥିବା ହିତାଧିକାରୀଙ୍କୁ ପୁରସ୍କୃତ କରାଯାଉଛି। ଏହି ବ୍ୟବସ୍ଥା ଅଧୀନରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ₹୪୦.୦୪ କୋଟି ଟଙ୍କାର ପ୍ରୋତ୍ସାହନ ରାଶି (Incentive) ହସ୍ତାନ୍ତର କରାଯାଇଛି।

ସମ୍ମାନ ଓ ସ୍ୱୀକୃତି:

- ସୁବର୍ଣ୍ଣପୁର ଜିଲ୍ଲା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର (NAC) ହିତାଧିକାରୀ ଶ୍ରୀମତୀ ସୁରେଖା ମଲ୍ଲିକ, ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରିତ ହୋଇଥିଲେ । ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ଏହି ବିରଳ ସମ୍ମାନ ତାଙ୍କର ଦୃଢ଼ ମନୋବଳକୁ ସମ୍ମାନ ସହ ଜଣେ ଗରିବ ପରିବାର ପାଇଁ ନିଜସ୍ୱ ଗୃହର ସ୍ୱପ୍ନ କିପରି ଜୀବନରେ ପରିବର୍ତ୍ତନ ଆଣିପାରେ, ତାହା ପ୍ରମାଣିତ କରିଛି । ଦେଶର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗହଣରେ ତାଙ୍କର ଉପସ୍ଥିତି, PMAY(U) ଯୋଜନା ଦ୍ୱାରା ଉପକୃତ ହୋଇଥିବା ଅଗଣିତ ପରିବାର ପାଇଁ ଏକ ଗୌରବର ବିଷୟ ।
- ସେହିପରି, କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ପୌରପାଳିକାର ଶ୍ରୀ ରାଜେନ୍ଦ୍ର ପାତ୍ର, ୨୦୨୬ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ 'ଆଟ୍-ହୋମ୍' (At-Home) କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରିତ ହୋଇଥିଲେ। ଶ୍ରୀ ପାତ୍ର ଜଣେ ସଫାଇ କର୍ମଚାରୀ ଏବଂ ସେ ରାଜ୍ୟ ସରକାରଙ୍କ 'ଗରିମା' (GARIMA) ଯୋଜନାରେ ଅନ୍ତର୍ଭୁକ୍ତ ।
- ତୃତୀୟ ଲିଙ୍ଗୀ (TG) ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ: ଭୁବନେଶ୍ୱରଠାରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ, ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜେ ତିନିଜଣ ତୃତୀୟ ଲିଙ୍ଗୀ ହିତାଧିକାରୀଙ୍କ ସମେତ ଚାରିଜଣଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ (Work Order) ପ୍ରଦାନ କରିଛନ୍ତି । ଏହା ସମାଜର ସବୁ ବର୍ଗଙ୍କୁ ସମାନ ଅଧିକାର ଓ ବାସଗୃହ ଯୋଗାଇଦେବା ଦିଗରେ ଏକ ଦୃଢ଼ ପଦକ୍ଷେପ ।
- ସ୍ୱାୟତ୍ତ ଶାସନ ଦିବସରେ ଗୃହ ପ୍ରବେଶ: ସ୍ୱାୟତ୍ତ ଶାସନ ଦିବସ ଅବସରରେ ଓଡ଼ିଶାର ୮୦୦ ହିତାଧିକାରୀ ନିଜର ନବନିର୍ମିତ ପକ୍କା ଘରକୁ ପ୍ରବେଶ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ସାଙ୍କେତିକ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ, AHP ଏବଂ BLC ବିଭାଗର ୧୨ ଜଣ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ ପତ୍ର ଏବଂ ଚାବି ହସ୍ତାନ୍ତର କରିଛନ୍ତି ।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ହିତାଧିକାରୀମାନଙ୍କୁ ଗୃହର ଚାବି ହସ୍ତାନ୍ତର କରୁଛନ୍ତି

ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ PMAY (ସହରୀ) ହିତାଧିକାରୀମାନଙ୍କୁ ନୂତନ ଗୃହର ଚାବି ପ୍ରଦାନ କରୁଛନ୍ତି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)ର ହିତାଧିକାରୀ

ଅଧ୍ୟାୟ ୭:
ଅର୍ଥ କମିଶନ
(FINANCE COMMISSION)

ଭାରତୀୟ ସମ୍ବିଧାନରେ ଶାସନ ବ୍ୟବସ୍ଥାର ଏକ ତ୍ରି-ସ୍ତରୀୟ ଢାଞ୍ଚା ପରିକଳ୍ପନା କରାଯାଇଛି - କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ସ୍ଥାନୀୟ ସରକାର । ସମ୍ବିଧାନର ସପ୍ତମ, ଏକାଦଶ ଏବଂ ଦ୍ୱାଦଶ ଅନୁସୂଚୀରେ ପ୍ରତ୍ୟେକ ସ୍ତରର ସରକାରଙ୍କୁ ପ୍ରଦାନ କରାଯାଇଥିବା ବିଷୟଗୁଡ଼ିକ ସମ୍ପର୍କରେ ସ୍ପଷ୍ଟ ବର୍ଣ୍ଣନା କରାଯାଇଛି । ନିଜ ନିଜ ଅଧିକାର କ୍ଷେତ୍ର ମଧ୍ୟରେ ରହି ପ୍ରତ୍ୟେକ ସ୍ତରର ସରକାର ସେବା ଯୋଗାଇବା ସହ କର ଧାର୍ଯ୍ୟ ଏବଂ ବିନିଯୋଗ କରିଥାନ୍ତି ।

ସ୍ଥାନୀୟ ସରକାରଗୁଡ଼ିକ ସାଧାରଣ ଜନତାଙ୍କ ଅତି ନିକଟତର ଏବଂ ତୃଣମୂଳ ସ୍ତରରେ ଜନସେବା ଯୋଗାଇଦେବାରେ ଏମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। କେନ୍ଦ୍ର ଏବଂ ରାଜ୍ୟ ଉଭୟ ସ୍ତରର ଅର୍ଥ କମିଶନ ଆର୍ଥିକ ବିକେନ୍ଦ୍ରୀକରଣକୁ ଆଗେଇ ନେବାରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସରକାରଙ୍କ ସର୍ବନିମ୍ନ ସ୍ତରକୁ ପାଣ୍ଠି, କାର୍ଯ୍ୟ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ହସ୍ତାନ୍ତର କରିବା ଦ୍ୱାରା ହେଉଥିବା ଲାଭ ଆଜିର ପରିବର୍ତ୍ତିତ ସାମାଜିକ-ଅର୍ଥନୈତିକ ପରିବେଶରେ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି ।

ରାଜ୍ୟ ଅର୍ଥ କମିଶନ

ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୌରସଂସ୍ଥା (ULB) ଗୁଡ଼ିକୁ ପର୍ଯ୍ୟାପ୍ତ, ନିଶ୍ଚିତ ଏବଂ ସୂତ୍ର-ଭିତ୍ତିକ ଆର୍ଥିକ ସମ୍ବଳ ହସ୍ତାନ୍ତର କରିବା, ଯଦ୍ୱାରା ସେମାନେ ନିଜର ସାମ୍ବିଧାନିକ ଦାୟିତ୍ୱଗୁଡ଼ିକୁ ସୁଦୃଢ଼ ଭାବରେ ସମ୍ପାଦନ କରିପାରିବେ । ଏହି କମିଶନ ପୌରସଂସ୍ଥାର ଆର୍ଥିକ ସ୍ୱାୟତ୍ତତାକୁ ସୁଦୃଢ଼ କରିବା, ହିସାବ ରଖିବା ଓ ଅଡିଟ୍ ବ୍ୟବସ୍ଥାରେ ସୁଧାର ଆଣିବା, ସ୍ୱଚ୍ଛତା ଓ ସୁଶାସନର ନୀତିକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ରାଜ୍ୟରେ ସହରୀ ସେବା ଯୋଗାଣର ଗୁଣବତ୍ତା ତଥା ନିର୍ଭରଯୋଗ୍ୟତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ପଞ୍ଚମ ଅର୍ଥ କମିଶନଙ୍କ କାର୍ଯ୍ୟକାଳ ୨୦୨୦-୨୧ ରୁ ୨୦୨୫-୨୬ ପର୍ଯ୍ୟନ୍ତ ରହିଛି ।

ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ, ୨୦୨୦-୨୧ ରୁ ୨୦୨୪-୨୫ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ପୌର ସଂସ୍ଥାଗୁଡ଼ିକ ନିମନ୍ତେ ତିନୋଟି ମୁଖ୍ୟ ଉପାଦାନ ଯଥା: ହସ୍ତାନ୍ତର (Devolution), କର ବଣ୍ଟନ (Assignment of Taxes) ଏବଂ ସହାୟକ ଅନୁଦାନ (Grants-in-Aid) ମାଧ୍ୟମରେ ୬,୬୪୨.୭୪ କୋଟି ଟଙ୍କାର ସୁପାରିଶ କରାଯାଇଥିଲା । ଏହି ସୁପାରିଶ ବିରୋଧରେ, ଉକ୍ତ ସମୟ ମଧ୍ୟରେ ପୌରସଂସ୍ଥାଗୁଡ଼ିକୁ ୬,୬୩୩.୯୬ କୋଟି ଟଙ୍କା ପ୍ରଦାନ କରାଯାଇଛି, ଯାହା କମିଶନଙ୍କ ସୁପାରିଶ ଅନୁଯାୟୀ ସମୟାନୁବର୍ତ୍ତୀ, ନିଶ୍ଚିତ ଏବଂ ପ୍ରଭାବଶାଳୀ ପାଣ୍ଠି ହସ୍ତାନ୍ତର ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରେ। ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଫଳାଫଳ-ଭିତ୍ତିକ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ଏହି ପାଣ୍ଠିର ପ୍ରଦାନ ଏବଂ ବିନିଯୋଗ କରାଯାଇଛି ।

ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ପ୍ରଦାନ କରାଯାଇଥିବା ପାଣ୍ଠିକୁ ପୌରସଂସ୍ଥାଗୁଡ଼ିକ ବିଭିନ୍ନ ମୌଳିକ ନାଗରିକ କାର୍ଯ୍ୟ ଏବଂ ବିକାଶମୂଳକ କାର୍ଯ୍ୟକଳାପରେ ବିନିଯୋଗ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ସହରୀ ଭିତ୍ତିଭୂମି ଏବଂ ସେବା ଯୋଗାଣରେ ଉନ୍ନତି ଆଣିବା । ସହରବାସୀଙ୍କ ଜୀବନଶୈଳୀ ସହ ସିଧାସଳଖ ଜଡ଼ିତ ଥିବା ମୌଳିକ ସହରୀ ସେବାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପ୍ରାଥମିକତା ଦିଆଯାଇଛି । ପୌରପାଳିକା ଅଧୀନରେ ଥିବା ରାସ୍ତା, ଗଳି, ଉପ-ଗଳି, ପାଦଚଲା ରାସ୍ତା, ପୋଲ ଏବଂ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ନିର୍ମାଣ, ଉନ୍ନତିକରଣ ଏବଂ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପୁଞ୍ଜି ବିନିଯୋଗ କରାଯାଇଛି । ଏହି ପଦକ୍ଷେପଗୁଡ଼ିକ ସହରାଞ୍ଚଳରେ ଯାତାୟାତର ସୁବିଧା, ସଡ଼କ ସୁରକ୍ଷା ଏବଂ ବିଶେଷ କରି ମୌସୁମୀ ଋତୁରେ ଜଳବନ୍ଦୀ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇଛି ।

ନିରାପଦ ଏବଂ ନିର୍ଭରଯୋଗ୍ୟ ଜଳର ସୁବିଧା ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମ୍ପ୍ରସାରଣ ଏବଂ ମରାମତି ପାଇଁ ମଧ୍ୟ ଏହି ଅନୁଦାନ ବିନିଯୋଗ କରାଯାଇଛି । ଏଥିମଧ୍ୟରେ ପାଇପ୍ ଲାଇନ୍ ବିଛାଇବା ଏବଂ ବଦଳାଇବା, ଓଭରହେଡ୍ ଟାଙ୍କି ନିର୍ମାଣ ଓ ମରାମତି, ନଳକୂପ ସ୍ଥାପନ ଏବଂ ପୁନରୁଦ୍ଧାର, ଏବଂ ଅବହେଳିତ ତଥା ନୂତନ ଭାବେ ବିକଶିତ ସହରାଞ୍ଚଳରେ ଜଳ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଅନ୍ତର୍ଭୁକ୍ତ । ଏହି ପଦକ୍ଷେପଗୁଡ଼ିକ ସେବା କ୍ଷେତ୍ରରେ ଥିବା ବ୍ୟବଧାନକୁ ହ୍ରାସ କରିବା ସହ ସହରୀ ପରିବାରଗୁଡ଼ିକୁ ଜଳର ଉପଲବ୍ଧତା ଏବଂ ନିର୍ଭରଯୋଗ୍ୟତା ବୃଦ୍ଧି କରିବାରେ ସାହାଯ୍ୟ କରିଛି । ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନର ବିନିଯୋଗ କ୍ଷେତ୍ରରେ ପରିମଳ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନାକୁ ମଧ୍ୟ ଉଚ୍ଚ ପ୍ରାଥମିକତା ଦିଆଯାଇଛି । ପୌରସଂସ୍ଥାଗୁଡ଼ିକ ସାର୍ବଜନୀନ ଓ ଗୋଷ୍ଠୀ ଶୌଚାଳୟ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ, ପରିମଳ ଭିତ୍ତିଭୂମିର ଉନ୍ନତି ଏବଂ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏଥିମଧ୍ୟରେ ଘରକୁ ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ, ବର୍ଜ୍ୟବସ୍ତୁ ସଂଗ୍ରହ ଉପକରଣ କ୍ରୟ, ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ବିକାଶ ଏବଂ ପରିବେଶ ସ୍ୱଚ୍ଛତା ପାଇଁ ସଫେଇ ଅଭିଯାନ ଅନ୍ତର୍ଭୁକ୍ତ । ଏହି ସମସ୍ତ ପଦକ୍ଷେପର ମିଳିତ ପ୍ରଭାବ ସହରାଞ୍ଚଳରେ ପରିମଳ ବ୍ୟବସ୍ଥାର ବ୍ୟାପୃତି, ଉତ୍ତମ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜନସ୍ୱାସ୍ଥ୍ୟରେ ଉନ୍ନତି ଆଣିଛି ।

ମୋଟାମୋଟି ଭାବେ, ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ଅଧୀନରେ ପାଣ୍ଠିର ବିନିଯୋଗ ସହରୀ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଅତ୍ୟାବଶ୍ୟକ ନାଗରିକ ସେବା ଯୋଗାଣରେ ଉନ୍ନତି ଆଣିବା, ସ୍ଥାୟୀ ସାର୍ବଜନୀନ ସମ୍ପତ୍ତି ସୃଷ୍ଟି କରିବା ଏବଂ ପୌରସଂସ୍ଥା ସ୍ତରରେ ଆର୍ଥିକ ଶୃଙ୍ଖଳା ଓ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି । ଏହି ସମ୍ବଳଗୁଡ଼ିକର ସୁବ୍ୟବସ୍ଥିତ ଏବଂ ଫଳାଫଳ-ଭିତ୍ତିକ ବିନିଯୋଗ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସ୍ୱୟଂଶାସିତ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବା ପାଇଁ ସକ୍ଷମ କରିଛି ଏବଂ ରାଜ୍ୟରେ ସ୍ଥାୟୀ ତଥା ସମାବେଶୀ ସହରୀ ବିକାଶର ଲକ୍ଷ୍ୟକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

କେନ୍ଦ୍ର ଅର୍ଥ କମିଶନ

ପୌରସଂସ୍ଥା (ULB) ଗୁଡ଼ିକର କାର୍ଯ୍ୟଧାରାକୁ ସୁଦୃଢ଼ କରିବା ପାଇଁ ପଞ୍ଚଦଶ ଅର୍ଥ କମିଶନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଅନୁଦାନକୁ ରାଜ୍ୟ ସରକାର ଅତି ବିଚକ୍ଷଣ ଓ ପ୍ରଭାବଶାଳୀ ଭାବରେ ବିନିଯୋଗ କରିଛନ୍ତି । ଏଥିରେ ମୌଳିକ ନାଗରିକ ସେବା ଯୋଗାଣରେ ସୁଧାର ଆଣିବା ଏବଂ ସହରୀ ଶାସନ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ଉପରେ ନିରନ୍ତର ଧ୍ୟାନ ଦିଆଯାଇଛି। ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା, ଉତ୍ତମ ପରିମଳ ଓ ପରିବେଶ ସ୍ୱଚ୍ଛତା ନିଶ୍ଚିତ କରିବା, ଅତ୍ୟାବଶ୍ୟକ ସହରୀ ଭିତ୍ତିଭୂମିର ବିକାଶ କରିବା ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସ୍ତରରେ ଆର୍ଥିକ ପରିଚାଳନା ଓ ସାଂଗଠନିକ ଦକ୍ଷତା ବୃଦ୍ଧି କରିବା ପାଇଁ ବିନିଯୋଗ ରଣନୀତି ପ୍ରସ୍ତୁତ କରାଯାଇଥିଲା ।

୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ, ପୌରସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପଞ୍ଚଦଶ ଅର୍ଥ କମିଶନଙ୍କ ଅଧୀନରେ ରାଜ୍ୟ ମୋଟ ୪,୬୫,୯୧୦.୫୬ ଲକ୍ଷ ଟଙ୍କା ପ୍ରାପ୍ତ କରିଛି । କମିଶନଙ୍କ ସୁପାରିଶ ଏବଂ ସର୍ତ୍ତାବଳୀ ଅନୁଯାୟୀ ଏହି ପାଣ୍ଠିକୁ ମୌଳିକ ଅନୁଦାନ (Basic Grants), ସର୍ତ୍ତମୂଳକ ଅନୁଦାନ (Tied Grants) ଏବଂ କ୍ଷେତ୍ର-ଭିତ୍ତିକ ଅନୁଦାନ ପରି ବିଭିନ୍ନ ବିଭାଗରେ ପ୍ରଦାନ କରାଯାଇଛି । ପୌର ପ୍ରଶାସନରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସ୍ଥାୟୀତ୍ୱ ନିଶ୍ଚିତ କରିବା ସହିତ ସହରୀ ସେବା ଯୋଗାଣରେ ଉନ୍ନତି ଆଣିବା ପାଇଁ ଏହି

ଅନୁଦାନକୁ ବିଭିନ୍ନ ବିକାଶମୂଳକ ଏବଂ ସଂସ୍କାର-ଭିତ୍ତିକ କାର୍ଯ୍ୟରେ ବିନିଯୋଗ କରାଯାଇଛି ।

ଜନସ୍ୱାସ୍ଥ୍ୟ ଏବଂ ପରିବେଶ ପରିମଳରେ ସୁଧାର ଆଣିବା ଲକ୍ଷ୍ୟରେ ପରିମଳ ଏବଂ ସ୍ୱେରେଜ୍ ଭିତ୍ତିଭୂମି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ଅନୁଦାନ ସହାୟତାରେ ଗୋଷ୍ଠୀ ଓ ସାର୍ବଜନୀନ ଶୌଚାଳୟ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ, ସ୍ୱେରେଜ୍ ଓ ଭୂତଳ ଜଳ ନିଷ୍କାସନ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ମଳ ପଙ୍କ ପରିଚାଳନା (FSSM) ସୁବିଧାର ବିକାଶ କରାଯାଇଛି । ଏଥିସହ, ବିଶେଷ କରି ମୌସୁମୀ ସମୟରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ଖୋଲା ଡ୍ରେନ୍‌ଗୁଡ଼ିକର ସଫେଇ ଏବଂ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଇଛି ।

ଏହି ପଦକ୍ଷେପଗୁଡ଼ିକ ଫଳରେ ସହରାଞ୍ଚଳରେ ପରିମଳ ବ୍ୟାପୃତି ବୃଦ୍ଧି ପାଇବା ସହ ବର୍ଜ୍ୟବସ୍ତୁର ଉତ୍ତମ ନିଷ୍କାସନ ଏବଂ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇପାରିଛି । ପୌରସଂସ୍ଥାଗୁଡ଼ିକ ଘରକୁ ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସହିତ ସଂଗ୍ରହ ଗାଡ଼ି, ଟ୍ରାଇସାଇକେଲ୍, ଡଷ୍ଟବିନ୍ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ କ୍ରୟ କରି ନିଜର କାର୍ଯ୍ୟଦକ୍ଷତା ବୃଦ୍ଧି କରିଛନ୍ତି । ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର (Segregation Sheds), କମ୍ପୋଷ୍ଟ ପିଟ୍ ଏବଂ ସମ୍ପଦ କେନ୍ଦ୍ର (Material Recovery Facilities) ପ୍ରତିଷ୍ଠା ମାଧ୍ୟମରେ ବର୍ଜ୍ୟବସ୍ତୁ ପୃଥକୀକରଣ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ପାଇଁ ଭିତ୍ତିଭୂମି ବିକଶିତ କରାଯାଇଛି ।

ଏହି ଅନୁଦାନକୁ ମୌଳିକ ସହରୀ ଭିତ୍ତିଭୂମିର ଉନ୍ନତି ପାଇଁ ମଧ୍ୟ ବିନିଯୋଗ କରାଯାଇଛି, ଯେଉଁଥିରେ ଆଭ୍ୟନ୍ତରୀଣ ରାସ୍ତା ଓ ଗଳିଗୁଡ଼ିକର ନିର୍ମାଣ ଓ ମରାମତି ସହିତ ବର୍ଷା ଜଳ ନିଷ୍କାସନ ପ୍ରଣାଳୀର ବିକାଶ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟଗୁଡ଼ିକ ସହରାଞ୍ଚଳରେ ଯାତାୟାତ ସୁବିଧାକୁ ବଢ଼ାଇଛି, ଜଳବନ୍ଦୀ ସମସ୍ୟା ହ୍ରାସ କରିଛି ଏବଂ ନାଗରିକଙ୍କ ସୁରକ୍ଷା ଓ ସୁବିଧାକୁ ସୁନିଶ୍ଚିତ କରିଛି । ସାମଗ୍ରିକ ସହରୀ ପରିବେଶରେ ଉନ୍ନତି ଆଣିବା ପାଇଁ ରାସ୍ତା କଡ଼ରେ ଥିବା ଭିତ୍ତିଭୂମି ଏବଂ ଷ୍ଟ୍ରିଟ୍ ଲାଇଟ୍ ପରି ସାର୍ବଜନୀନ ସୁବିଧାଗୁଡ଼ିକର ବିକାଶ ଓ ଉନ୍ନତିକରଣ କରାଯାଇଛି ।

କେନ୍ଦ୍ର ଅର୍ଥ କମିଶନ କାର୍ଯ୍ୟଦକ୍ଷତା-ଭିତ୍ତିକ ଅନୁଦାନ ପ୍ରଦାନ ପାଇଁ କେତେକ ସଂସ୍କାରମୂଳକ ସର୍ତ୍ତ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିମଧ୍ୟରେ ହୋଲଡିଂ ଟ୍ୟାକ୍ସ ବା ସମ୍ପତ୍ତି କର ଆକଳନ ଓ ସଂଗ୍ରହ ଦକ୍ଷତା ବୃଦ୍ଧି, ଜଳ ଯୋଗାଣ, ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ସେବା ପାଇଁ ଉପଭୋକ୍ତା ଦେୟର ଯୁକ୍ତିସଂଗତକରଣ ଏବଂ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସମ୍ପର୍କିତ ସଂସ୍କାର ପାଳନ କରିବା ଅନ୍ତର୍ଭୁକ୍ତ । ଏହି ସଂସ୍କାର ସର୍ତ୍ତାବଳୀର ପାଳନ ପୌରସଂସ୍ଥାଗୁଡ଼ିକର ନିଜସ୍ୱ ରାଜସ୍ୱ ସଂଗ୍ରହକୁ ସୁଦୃଢ଼ କରିବା ସହ ସେମାନଙ୍କ ସାମଗ୍ରିକ ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହୋଇଛି ।

ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବଜେଟ୍ ସମୀକ୍ଷା ବୈଠକ

ଅଧ୍ୟାୟ ୮:
ଅଭିନବ ପ୍ରୟାସ (KEY INITIATIVES)

ସହଯୋଗ (SAHAJOG):

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏହି ଅଭିନବ ପଦକ୍ଷେପ ୩୧ ଅଗଷ୍ଟ ୨୦୨୫ରେ ଆରମ୍ଭ କରାଯାଇଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସହରାଞ୍ଚଳର ଯୋଗ୍ୟ ଗରିବ ଶ୍ରେଣୀର ବ୍ୟକ୍ତି ବା ସମୁଦାୟକୁ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ସରକାରୀ ଯୋଜନା ସହ ସିଧାସଳଖ ଯୋଡ଼ିବା । ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ଲୋକଙ୍କ ନିକଟରେ ସେବା ପହଞ୍ଚାଇବା ଏବଂ ଗୋଷ୍ଠୀଗତ ସହଭାଗିତା ମାଧ୍ୟମରେ ସମ୍ବଳର ସଠିକ ବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି । ଏକ ସୁଚିନ୍ତିତ ଓ ଶୃଙ୍ଖଳିତ ପ୍ରକ୍ରିୟା ଜରିଆରେ ସହରର ଗରିବ ଲୋକଙ୍କୁ ସେମାନଙ୍କ ହକ୍ ପ୍ରଦାନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ।

ପଦକ୍ଷେପର ପ୍ରମୁଖ ବୈଶିଷ୍ଟ୍ୟ:

- ପ୍ରଥମ ପର୍ଯ୍ୟାୟରେ ସହରର ଗରିବ ଶ୍ରେଣୀର ଲୋକଙ୍କୁ ୧୩ଟି ପ୍ରାଥମିକତା ଭିତ୍ତିକ ଯୋଜନା (ଯଥା: PMAY ସହରାଞ୍ଚଳ, ପାଇପ୍ ଜଳ ଯୋଗାଣ, ଗରିମା, NFSA/SFSS ରାସନ କାର୍ଡ, ଆୟୁଷ୍ମାନ ଭାରତ, ପେନ୍‌ସନ୍, ଶ୍ରମିକ ଏବଂ ଇ-ଶ୍ରମ କାର୍ଡ ଇତ୍ୟାଦି) ସହ ଶତପ୍ରତିଶତ ଯୋଡ଼ିବା ପାଇଁ 'ସାଚୁରେସନ୍ ଆପ୍ରୋଚ୍' (Saturation Approach) ଆପଣାଯାଇଛି ।
- ସ୍ଥାନୀୟ ଓଡ଼ିଆ ଭାଷାରେ ପତ୍ରିକା ବଣ୍ଟନ ଏବଂ ମୋବାଇଲ୍ ସର୍ଭିସ୍ ୟୁନିଟ୍ ମାଧ୍ୟମରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି
- ପ୍ରତ୍ୟେକ ପରିବାରର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ କରିବା ପାଇଁ ଘରକୁ ଘର ବୁଲି ସର୍ଭେ (Door-to-door survey) କରାଯାଉଛି ।
- ଏହି କାର୍ଯ୍ୟକ୍ରମରେ ଜଡ଼ିତ ଥିବା ପ୍ରଥମ ଧାଡ଼ିର କର୍ମଚାରୀ ଓ ସହାୟକମାନଙ୍କ ପାଇଁ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା କରାଯାଇଛି
- ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ମାସିକ ଏବଂ ତ୍ରୈମାସିକ ଭିତ୍ତିରେ 'ଷ୍ଟିଅରିଂ କମିଟି' (Steering Committee) ଗଠନ କରାଯାଇଛି ।

ବର୍ତ୍ତମାନ ସୁଦ୍ଧା ଅଗ୍ରଗତି (Progress so far):

- OCAC ର ସହାୟତାରେ ପ୍ରଥମ ଧାଡ଼ିର ସହାୟକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ଲିକେସନ୍ ପ୍ରସ୍ତୁତ କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ୧,୭୬,୮୨୬ ପରିବାରର ସମ୍ପୂର୍ଣ୍ଣ ବିବରଣୀ (Household Profiling) ପ୍ରସ୍ତୁତ କରାଯାଇଛି ।
- ବିଭିନ୍ନ ଯୋଜନା ସହ ସଫଳ ସଂଯୋଗୀକରଣର ବିବରଣୀ:
  - ଭିନ୍ନକ୍ଷମ (PwD) କାର୍ଡ: ୨,୪୭୦
  - ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା: ୭,୩୫୩
  - ରାସନ କାର୍ଡ: ୬,୧୪୬
  - ଶ୍ରମିକ କାର୍ଡ (Labour Card): ୨୧,୯୭୪
  - ଇ-ଶ୍ରମ କାର୍ଡ: ୩୮,୩୮୪
  - PMAY ବାସଗୃହ: ୪୦,୭୨୨ (ପ୍ରଥମ ପର୍ଯ୍ୟାୟରେ)
- ଲୋକଙ୍କ ନିକଟରେ ସେବା ପହଞ୍ଚାଇବା ପାଇଁ ମୋବାଇଲ୍ ସର୍ଭିସ୍ ୟୁନିଟ୍ (Mobile Service Units) ର ପ୍ରାଥମିକ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଛି ।

ସହଯୋଗ' ଅଭିଯାନ ଅନ୍ତର୍ଗତ ମୋବାଇଲ୍ ସର୍ଭିସ୍ ୟୁନିଟ୍‌ର ଶୁଭାରମ୍ଭ କରୁଛନ୍ତି ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର

ଅଙ୍କୁର - ANKUR (Atal Network for Knowledge, Urbanisation and Reforms):

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା ଓ ଦୂରଦୃଷ୍ଟିରେ ଅନୁପ୍ରାଣିତ ହୋଇ ଓଡ଼ିଶାରେ ସହରାଞ୍ଚଳର ସନ୍ତୁଳିତ ଏବଂ ସ୍ଥାୟୀ ବିକାଶ ପାଇଁ 'ଅଙ୍କୁର' ଏକ ରୂପାନ୍ତରଣକାରୀ ମଞ୍ଚ ଭାବେ କାର୍ଯ୍ୟ କରୁଛି। ଦ୍ରୁତ ସହରୀକରଣ ଯୋଗୁଁ ଦେଖାଦେଉଥିବା ଆହ୍ୱାନଗୁଡ଼ିକର ସମାଧାନ ପାଇଁ ଏହି ଅଭିଯାନ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ସରକାରୀ-ବେସରକାରୀ ସହଭାଗିତା (PPP) ଏବଂ ପ୍ରଶାସନିକ ସଂସ୍କାର ଉପରେ ଗୁରୁତ୍ୱ ଦେଉଛି।

ଏହି ପଦକ୍ଷେପ ମାଧ୍ୟମରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଗବେଷଣା ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ (NGO), ବେସରକାରୀ ସଂସ୍ଥା ଏବଂ ଆନ୍ତର୍ଜାତୀୟ ବିକାଶ ସଂସ୍ଥାଗୁଡ଼ିକ ସହ ରଣନୈତିକ ସମ୍ପର୍କ ସ୍ଥାପନ କରାଯାଉଛି। 'ଅଙ୍କୁର'ର କାର୍ଯ୍ୟଶୈଳୀରେ 'ସହଯୋଗ'କୁ ମୁଖ୍ୟ ଆଧାର ଭାବେ ଗ୍ରହଣ କରାଯାଇଛି । ସହଯୋଗୀ ଅନୁଷ୍ଠାନଗୁଡ଼ିକ ବୈଷୟିକ ଜ୍ଞାନକୌଶଳ ଯୋଗାଇବା ସହ ମିଳିତ ଗବେଷଣା, ନୂତନ ଜ୍ଞାନର ପ୍ରୟୋଗ, କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଏବଂ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନରେ ସହାୟତା କରୁଛନ୍ତି।

ପଦକ୍ଷେପର ପ୍ରମୁଖ ବୈଶିଷ୍ଟ୍ୟ:

- ବ୍ୟବସ୍ଥା ସ୍ତମ୍ଭ (Strategic Pillars): ଏହି ଅଭିଯାନ ମୁଖ୍ୟତଃ ଜ୍ଞାନର ଆଦାନପ୍ରଦାନ (Knowledge Collaboration), ଦକ୍ଷତା ବୃଦ୍ଧି, ପ୍ରକଳ୍ପ ରୂପାୟନରେ ସହାୟତା ଏବଂ ନୂତନ ଜ୍ଞାନକୌଶଳର ପ୍ରୟୋଗ (Innovation) ଉପରେ ପର୍ଯ୍ୟବେସିତ।
- ତାଲିମ ଓ ପ୍ରମାଣପତ୍ର: ପୌରସଂସ୍ଥାର (ULB) କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ପର୍ଯ୍ୟାୟଭିତ୍ତିକ ତାଲିମ ଏବଂ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରାଯାଇଛି।
- ପ୍ରକଳ୍ପ ପରିଚାଳନା ୟୁନିଟ୍ (PMU): ବୃହତ୍ ଓ ବହୁମୁଖୀ ସହରୀ ପ୍ରକଳ୍ପଗୁଡ଼ିକର ସଫଳ ପରିଚାଳନା ପାଇଁ ସହଯୋଗୀ ସଂସ୍ଥାମାନଙ୍କ ଦ୍ୱାରା ପରିଚାଳିତ PMU ଗଠନ କରାଯାଉଛି।
- ଉଦ୍ଭାବନ କେନ୍ଦ୍ର ଓ ପ୍ରତିଯୋଗିତା: ସହରାଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଇନୋଭେସନ୍ ହବ୍, ହ୍ୟାକାଥନ୍ ଏବଂ ଚ୍ୟାଲେଞ୍ଜ୍ ପ୍ରତିଯୋଗିତା ମାଧ୍ୟମରେ ନୂତନ ଉପାୟ ଖୋଜାଯାଉଛି।
- ସାଂଗଠନିକ ସଂରଚନା: କାର୍ଯ୍ୟକ୍ରମର ସଠିକ ପରିଚାଳନା ପାଇଁ ଏକ 'ଷ୍ଟିଅରିଂ କମିଟି' ଏବଂ ବିଷୟଭିତ୍ତିକ ବିଶେଷଜ୍ଞ ଗୋଷ୍ଠୀ (Thematic Groups) ଗଠନ କରାଯାଇଛି।

ସହଯୋଗର ମୁଖ୍ୟ କ୍ଷେତ୍ର:

- ସହରୀ ଯୋଜନା ଓ ଶାସନ ବ୍ୟବସ୍ଥା।
- ସ୍ଥାୟୀ ଭିତ୍ତିଭୂମି ବିକାଶ (ପରିବହନ, ଗୃହ ନିର୍ମାଣ)।
- ସୁଲଭ ଗୃହ ନିର୍ମାଣ ଏବଂ ଦାରିଦ୍ର୍ୟ ଦୂରୀକରଣ।
- ସହରୀ ପରିବହନ ଓ ଗମନାଗମନ।
- ବିପର୍ଯ୍ୟୟ ସହନଶୀଳତା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା।
- ବର୍ଜ୍ୟବସ୍ତୁ ପରିଚାଳନା ଓ ସର୍କୁଲାର ଇକୋନୋମି।
- ଜଳ ଯୋଗାଣ ଓ ପରିମଳ।
- ସାମାଜିକ ଅନ୍ତର୍ଭୁକ୍ତିକରଣ ଏବଂ ଜୀବିକା ନିର୍ବାହ କାର୍ଯ୍ୟକ୍ରମ।

ଅଙ୍କୁର: ସହଭାଗିତା ମାଧ୍ୟମରେ ଜ୍ଞାନ-ଭିତ୍ତିକ ସହରାଞ୍ଚଳ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବ

ଅନ୍ୟାନ୍ୟ ସଫଳତା:

- ବିଭିନ୍ନ ଶିକ୍ଷାନୁଷ୍ଠାନ, ଥିଙ୍କ୍-ଟ୍ୟାଙ୍କ୍ ଏବଂ ଅନ୍ତର୍ଜାତୀୟ ସଂସ୍ଥା ଭଳି ୮ଟି ସହଯୋଗୀ ଅନୁଷ୍ଠାନ ସହ ବୁଝାମଣାପତ୍ର (MoU) ସ୍ୱାକ୍ଷରିତ ହୋଇଛି।
- ସ୍ଥିରୀକୃତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତି ମାସରେ 'ଅଙ୍କୁର' ବୈଠକ ଅନୁଷ୍ଠିତ ହେଉଛି।
- ନୂତନ ସହଯୋଗୀ ସଂସ୍ଥାଙ୍କୁ ସାମିଲ କରିବା ପାଇଁ ଏକ ମାନକ ପରିଚାଳନା ପଦ୍ଧତି (SOP) ପ୍ରସ୍ତୁତ କରାଯାଇଛି।

ଓଡ଼ିଶା ଯାତ୍ରୀ: ସହରୀ ଯାତାୟାତ କ୍ଷେତ୍ରରେ ପରିବର୍ତ୍ତନର ଏକବର୍ଷ

ଓଡ଼ିଶା ସରକାରଙ୍କ ଜନ-କୈନ୍ଦ୍ରିକ ପରିବହନ ସେବା 'ଓଡ଼ିଶା ଯାତ୍ରୀ', ଚାଳକମାନଙ୍କ ସଶକ୍ତିକରଣ, ସାର୍ବଜନୀନ ପରିବହନର ଡିଜିଟାଇଜେସନ୍ ଏବଂ ନାଗରିକ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରି ସଫଳତାର ସହ ଏକ ବର୍ଷ ପୂରଣ କରିଛି ।

ଏହି ଅବଧି ମଧ୍ୟରେ ଏକ ପ୍ରମୁଖ ସଫଳତା ହେଉଛି 'ଜିରୋ କମିଶନ' (Zero Commission) ମଡେଲ । ଏହା ମାଧ୍ୟମରେ ଚାଳକମାନେ ୧୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିଛନ୍ତି, ଯେଉଁଥିରେ ସେମାନେ ନିଜ ଭଡ଼ାର ୧୦୦% ନିଜ ପାଖରେ ରଖିପାରୁଛନ୍ତି । ଏହି ସ୍ୱଚ୍ଛ ଏବଂ ନ୍ୟାୟସଙ୍ଗତ ବ୍ୟବସ୍ଥା ପ୍ଲାଟଫର୍ମ ପ୍ରତି ବିଶ୍ୱାସ ବଢ଼ାଇବା ସହ ସାରା ରାଜ୍ୟରେ ଚାଳକମାନଙ୍କ ଜୀବିକାରେ ଉନ୍ନତି ଆଣିଛି ।

'ଫାଷ୍ଟ-ଟିକେଟ' (FASTicket) ପଦକ୍ଷେପ ଅଧୀନରେ, ଓଡ଼ିଶା ଯାତ୍ରୀ 'ଆମ ବସ' ଟିକେଟ୍ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଯାତ୍ରୀମାନେ ଏବେ QR କୋଡ୍ ସ୍କାନ କରି ମାତ୍ର କିଛି ସେକେଣ୍ଡ ମଧ୍ୟରେ ଟିକେଟ୍ ବୁକ୍ କରିପାରୁଛନ୍ତି ଏବଂ ତତ୍କାଳ ଡିଜିଟାଲ୍ ଟିକେଟ୍ ସହ ସ୍ୱତନ୍ତ୍ର ରିହାତି ମଧ୍ୟ ପାଉଛନ୍ତି । ଏହା ସାର୍ବଜନୀନ ପରିବହନର ଡିଜିଟାଇଜେସନ୍‌କୁ ତ୍ୱରାନ୍ୱିତ କରିବା ସହ ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ହୋଇଛି ।

ଏହି ସେବା ଏବେ ଏହାର ପରିସର ବୃଦ୍ଧି କରୁଛି। ଖୁବଶୀଘ୍ର ସମ୍ବଲପୁର ଏବଂ ରାଉରକେଲାରେ ରାଇଡ୍-ହେଲିଂ (Ride-hailing) ଏବଂ ଡିଜିଟାଲ୍ ଟିକେଟ୍ ସେବା ଆରମ୍ଭ ହେବାକୁ ଯାଉଛି, ଯାହା ଓଡ଼ିଶାରେ ଏକ ସମନ୍ୱିତ ପରିବହନ ବ୍ୟବସ୍ଥା ଗଠନ ଦିଗରେ ଏକ ପଦକ୍ଷେପ ।

ନାଗରିକ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ଓଡ଼ିଶା ଯାତ୍ରୀ ଏକ ବ୍ୟାପକ ସୁରକ୍ଷା ପ୍ଲାଟଫର୍ମରେ ପରିଣତ ହେଉଛି। ଏଥିରେ ପୋଲିସ୍ ସହିତ ସିଧାସଳଖ SOS ସଂଯୋଗ, ଆପ୍ ବିନା ଜରୁରୀକାଳୀନ ସୂଚନା ପ୍ରଦାନ, ଲାଇଭ୍ ଲୋକେସନ ସେୟାରିଂ ଏବଂ ଜରୁରୀକାଳୀନ ଯୋଗାଯୋଗ ନମ୍ବରକୁ ତୁରନ୍ତ ସୂଚନା ପଠାଇବା ଭଳି ସୁବିଧା ଅନ୍ତର୍ଭୁକ୍ତ କରାଯାଇଛି ।

ପ୍ରଥମ ବର୍ଷରେ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବା ପରେ, ଓଡ଼ିଶା ଯାତ୍ରୀ ଚାଳକ ସଶକ୍ତିକରଣ, ସୁଲଭ ପରିବହନ, ଡିଜିଟାଲ୍ ନବସୃଜନ ଏବଂ ରାଜ୍ୟବ୍ୟାପୀ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛି। ଏହା ଧୀରେ ଧୀରେ ଓଡ଼ିଶାର ଏକ ବିଶ୍ୱସ୍ତ ପରିବହନ ଏବଂ ସୁରକ୍ଷା ପରିବେଶ ଭାବେ ଉଭା ହେଉଛି ।

odisha yatri | ଓଡ଼ିଶା ଯାତ୍ରୀ

ଓଡ଼ିଶା ଯାତ୍ରୀ: ଚାଳକମାନଙ୍କୁ ସଶକ୍ତ କରିବା, ସାର୍ବଜନୀନ ପରିବହନକୁ ଡିଜିଟାଲ୍ କରିବା ଏବଂ ଯାତ୍ରା ସମୟରେ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା

୧୯୨୯ ସହର ସାଥୀ : ସ୍ମାର୍ଟ ଶାସନ ମାଧ୍ୟମରେ ସହରବାସୀଙ୍କ ଅଭିଯୋଗର ସମାଧାନ

ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ସ୍ମାର୍ଟ ସିଟି' ଏବଂ ନାଗରିକ-କେନ୍ଦ୍ରିକ ସହର ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ସହରାଞ୍ଚଳ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ '୧୯୨୯ ସହର ସାଥୀ' ର ଶୁଭାରମ୍ଭ କରାଯାଇଛି । ସହରାଞ୍ଚଳ ସେବା ପ୍ରଦାନ ପ୍ରକ୍ରିୟାକୁ ଅଧିକ ଦ୍ରୁତ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ କରିବା ପାଇଁ ଏହା ଏକ ସମନ୍ୱିତ ଏବଂ 'ସିଙ୍ଗଲ୍ ୱିଣ୍ଡୋ' ଅଭିଯୋଗ ସମାଧାନ ମାଧ୍ୟମ ଭାବେ କାର୍ଯ୍ୟ କରୁଛି ।

ଏହି ବ୍ୟବସ୍ଥା ଦ୍ୱାରା ସହରବାସୀ ଏକ ନିର୍ଦ୍ଦିଷ୍ଟ ହେଲ୍ପଲାଇନ ନମ୍ବର — ୧୯୨୯ — କିମ୍ବା ମୋବାଇଲ୍ ଆପ୍ ମାଧ୍ୟମରେ ଷ୍ଟ୍ରିଟ୍ ଲାଇଟ୍, ପାନୀୟ ଜଳ ଯୋଗାଣ, ପରିମଳ ଏବଂ ଅନ୍ୟାନ୍ୟ ପୌର ସେବା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ସହଜରେ ଅଭିଯୋଗ କରିପାରୁଛନ୍ତି ।

ଏହା କିପରି କାର୍ଯ୍ୟ କରେ?

ସହରବାସୀ ୧୯୨୯ ନମ୍ବରକୁ ଫୋନ୍ କରି କିମ୍ବା 'ସହର ସାଥୀ' ଆପ୍ ମାଧ୍ୟମରେ ତୁରନ୍ତ ଅଭିଯୋଗ ପଞ୍ଜିକୃତ କରିପାରିବେ। ପ୍ରତ୍ୟେକ ଅଭିଯୋଗ ପାଇଁ ଏକ ନିଆରା 'ଟିକେଟ୍ ଆଇଡି' ପ୍ରଦାନ କରାଯାଏ । ଏହାଦ୍ୱାରା ଅଭିଯୋଗର ସ୍ଥିତି ଜାଣିବା ସହ ସମାଧାନ ପର୍ଯ୍ୟନ୍ତ ଏସ୍ଏମ୍ଏସ୍ ମାଧ୍ୟମରେ ସୂଚନା ପାଇପାରିବେ। ଫଳରେ ଲୋକଙ୍କୁ ବାରମ୍ବାର ସରକାରୀ ଅଫିସକୁ ଦୌଡ଼ିବାକୁ ପଡୁନାହିଁ ।

ମୁଖ୍ୟ ବୈଶିଷ୍ଟ୍ୟ:

- ସହରୀ ସେବା ପାଇଁ ୨୪×୭ ସୁବିଧା ।
- ଅଭିଯୋଗ ସମାଧାନରେ ବିଳମ୍ବ ହେଲେ ଉପରିସ୍ଥ ଅଧିକାରୀଙ୍କ ପାଖକୁ ସୂଚନା ଯିବାର ସ୍ୱୟଂଚାଳିତ ବ୍ୟବସ୍ଥା ।
- ଏସ୍ଏମ୍ଏସ୍ (SMS) ମାଧ୍ୟମରେ ଅଭିଯୋଗର ସ୍ଥିତି ସମ୍ପର୍କରେ ସୂଚନା ।
- ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଏବଂ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଲୋକାର୍ପିତ ଏହି 'ସହର ସାଥୀ' ବ୍ୟବସ୍ଥା, ସରକାରଙ୍କ ପ୍ରଯୁକ୍ତିଭିତ୍ତିକ ଶାସନ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି ।

'୧୯୨୯ ସହର ସାଥୀ' ମାଧ୍ୟମରେ ସହରବାସୀଙ୍କୁ ସଶକ୍ତ କରିବା ସହ ସେବା ଯୋଗାଣ ପ୍ରକ୍ରିୟାକୁ ଦକ୍ଷ କରାଯାଉଛି । ଏହା ଓଡ଼ିଶାର ସହରଗୁଡ଼ିକୁ ଅଧିକ ସ୍ମାର୍ଟ, ସର୍ବସାମୂହିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି ।

୧୯୨୯ ସହର ସାଥୀ ଏକ ଅତ୍ୟାଧୁନିକ ଟେକ୍ନୋଲୋଜି ଭିତ୍ତିକ ହେଲ୍ପଲାଇନ୍, ଯାହା ସାରା ଓଡ଼ିଶାର ସହରାଞ୍ଚଳ ବାସିନ୍ଦାଙ୍କ ଅଭିଯୋଗର ଶୀଘ୍ର, ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ସମାଧାନ ପାଇଁ ଏକକ ସୁବିଧା ଯୋଗାଇ ଦେଉଛି

ସହରୀ ଶାସନ ବ୍ୟବସ୍ଥାର ସୁଦୃଢ଼ିକରଣ

ଓଡ଼ିଶାକୁ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ କରିବା ଏବଂ ସହରୀକରଣକୁ ବିକାଶର ମୁଖ୍ୟ ସାରଥି ଭାବେ ଗ୍ରହଣ କରି ରାଜ୍ୟ ସରକାର 'ବିକଶିତ ଓଡ଼ିଶା ୨୦୩୬' ଅଭିଯାନର ପରିକଳ୍ପନା କରିଛନ୍ତି । ଏହି ଦୂରଦୃଷ୍ଟିସମ୍ପନ୍ନ ଯୋଜନାର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ରାଜ୍ୟରେ ୪୦% ସହରୀକରଣ ହାସଲ କରିବା । ସୁନିୟୋଜିତ ସହରାଞ୍ଚଳଗୁଡ଼ିକ ଅର୍ଥନୈତିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା, ସେବା ପ୍ରଦାନରେ ସୁଧାର ଆଣିବା ଏବଂ ନାଗରିକଙ୍କ ଜୀବନଧାରଣର ମାନ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ସରକାର ଅନୁଭବ କରିଛନ୍ତି ।

ଏହି ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ସହରୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅନେକ ରଣନୈତିକ ପଦକ୍ଷେପ ନିଆଯାଇଛି । ଏହି ପଦକ୍ଷେପର ଅଂଶସ୍ୱରୂପ, ବିଭାଗ ସଫଳତାର ସହ ସାରା ଓଡ଼ିଶାରେ ୨୮ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (NAC) ଗଠନ କରିଛି । ଏହି ନୂତନ NAC ଗୁଡ଼ିକର ସୃଷ୍ଟି ମାଧ୍ୟମରେ ବିଶେଷ କରି ସେହି ଦ୍ରୁତ ଅଭିବୃଦ୍ଧିଶୀଳ ପେରି-ଅର୍ବାନ (peri-urban) ଅଞ୍ଚଳଗୁଡ଼ିକରେ ସହରୀକରଣର ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଗୁଡ଼ିକ ପୂର୍ବରୁ ଗ୍ରାମୀଣ ପ୍ରଶାସନ ଅଧୀନରେ ଥିଲା । ଏହି NAC ଗଠନ ଦ୍ୱାରା ଯୋଜନାବଦ୍ଧ ସହରୀ ବିକାଶ, ଉନ୍ନତ ଭିତ୍ତିଭୂମି ଏବଂ ପୌର ସେବା ଯୋଗାଇବା ସମ୍ଭବ ହୋଇପାରିବ ।

ସହରୀ ଢାଞ୍ଚାକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭାଗ ୭ଟି NAC କୁ ପୌରପାଳିକା (Municipality) ଏବଂ ଗୋଟିଏ ପୌରପାଳିକାକୁ ମହାନଗର ନିଗମ (Municipal Corporation) ଭାବେ ଉନ୍ନୀତ କରିଛି ।

ବର୍ଦ୍ଧିତ ସହରୀ କଳେବର ଏବଂ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ପ୍ରଶାସନିକ ସଂସ୍କାର କରାଯାଇଛି । ଏହି ଉନ୍ନୀତ ପୌର ସଂସ୍ଥାଗୁଡ଼ିକ ଅଧିକ ପ୍ରଶାସନିକ ଦକ୍ଷତା, ଉନ୍ନତ ସହରୀ ଯୋଜନା ଏବଂ ନାଗରିକ ସେବାର ସୁପରିଚାଳନା କରିବେ ବୋଲି ଆଶା କରାଯାଉଛି ।

Constitution of NAC		
Sl No.	**District**	**Name of the ULB**
1	Angul	Pallahara
2	Balangir	Loisingha
3	Balasore	Simulia
4	Balasore	Basta
5	Bargarh	Sohela
6	Bhadrak	Tihidi
7	Bhadrak	Dhusuri
8	Cuttack	Salipur
9	Cuttack	Badamba
10	Cuttack	Narasinghpur
11	Dhenkanal	Gondia
12	Ganjam	Patrapur
13	Ganjam	Jagannathprasad
14	Jajpur	Chandikhol
15	Kalahandi	Narla
16	Kalahandi	Jaipatna
17	Khordha	Tangi
18	Koraput	Borigumma
19	Mayurbhanj	Kaptipada
20	Mayurbhanj	Jashipur
21	Mayurbhanj	Rasgobindpur
22	Mayurbhanj	Betnoti
23	Mayurbhanj	Bangriposi
24	Mayurbhanj	Chitrada
25	Rayagada	Bissam Cuttack
26	Sambalpur	Bamra
27	Sambalpur	Rengali
28	Subarnapur	Birmaharajpur

ଏହି ସମସ୍ତ ପଦକ୍ଷେପ ଓଡ଼ିଶାରେ ସୁବ୍ୟବସ୍ଥିତ ଏବଂ ସମାବେଶୀ ସହରୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସହରୀ ସ୍ଥାନୀୟ ସଂସ୍ଥାଗୁଡ଼ିକର ପରିସର ବୃଦ୍ଧି ଏବଂ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣି ସରକାର ସନ୍ତୁଳିତ ଆଞ୍ଚଳିକ ବିକାଶ, ସୁଦୃଢ଼ ସ୍ଥାନୀୟ ଶାସନ ଏବଂ ବର୍ଦ୍ଧିତ ଅର୍ଥନୈତିକ ସୁଯୋଗ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

'ବିକଶିତ ଓଡ଼ିଶା ୨୦୩୬' ଅଧୀନରେ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପଗୁଡ଼ିକ ରାଜ୍ୟକୁ ଏକ ସ୍ଥାୟୀ ଓ ସମୃଦ୍ଧ ସହରୀ କେନ୍ଦ୍ରରେ ପରିଣତ କରିବା ସହ ଆଗାମୀ ଦଶକରେ ଓଡ଼ିଶାକୁ ଅଭିବୃଦ୍ଧିର ଏକ ପ୍ରମୁଖ ଇଞ୍ଜିନ ଭାବେ ପ୍ରତିଷ୍ଠିତ କରିବ ।

Upgradation of NACs to Municipalities			
Sl No.	**District**	**Sl No.**	**Name of the ULB**
1	Boudh	1	Boudhgarh NAC
2	Ganjam	2	Bhanjanagar NAC
		3	Aska NAC
		4	Chatrapur NAC
		5	Kabisuryanagar NAC
		6	Polasara NAC
3	Mayurbhanj	7	Karanjia NAC

ଅଧ୍ୟାୟ ୯:

ବଜେଟ୍ (BUDGET)

ବିଗତ ତିନି ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ପାଇଁ ବଜେଟ୍ ବ୍ୟବସ୍ଥା ଏବଂ ବ୍ୟୟରେ ଉଲ୍ଲେଖନୀୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଏହା ସରକାରଙ୍କ ପ୍ରାଥମିକତା ଏବଂ ଦକ୍ଷ ଆର୍ଥିକ ପରିଚାଳନାକୁ ଦର୍ଶାଉଛି ।

ବିଗତ ତିନି ବର୍ଷର ବଜେଟ୍ ଏବଂ ବ୍ୟୟ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ନିମ୍ନ ସାରଣୀରେ ପ୍ରଦାନ କରାଯାଇଛି ।

Comparative Budget & Expenditure Statement of last three years

Rs. in Crore

Sl No.	Name of the Scheme	2023-24		2024-25		2025-26	
		Budget Provision	Expenditure	Budget Provision	Expenditure	Budget Provision	Expenditure
	PROGRAMME EXPENDITURE						
1	**STATE SECTOR SCHEME**	3944.51	3715.56	4320.30	4180.32	4320.00	2133.28
2	**CENTRALLY SPONSORED SCHEME**	1944.99	1151.00	2000.00	595.95	2300.00	674.79
3	**CENTRAL SECTOR SCHEME**	0.0081	0.00	0.0002	0.00	0.00	0.00
	Total Programme Expenditure	**5889.51**	**4866.56**	**6320.30**	**4776.27**	**6620.00**	**2808.07**
4	**Transfer From State**						
	CFC	1050.98	884.72	1091.24	887.56	1044.66	486.00
	SFC	1353.69	1349.9	1417.81	1417.63	1489.78	627.81
	Stamp Duty	116.11	116.11	121.62	121.62	130.19	43.47
	Total TFS	2520.78	2350.73	2630.66	2426.81	2664.63	1157.28
5	**EOM**	661.6	557.35	652.37	586.72	688.93	302.22
	Grand Total	**9071.89**	**7774.64**	**9603.33**	**7789.80**	**9973.56**	**4267.57**

Comparative Budget & Expenditure Statement (In Crores)



ବଜେଟ୍ ଅଟକଳ ୨୦୨୬-୨୭

ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ, ରାଜ୍ୟରୁ ମିଳୁଥିବା ଅନୁଦାନ ଏବଂ ପ୍ରଶାସନିକ ବ୍ୟୟ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ଚଳିତ ବର୍ଷର ମୋଟ ବଜେଟ୍ ₹୧୦୭୨୬.୮୬ କୋଟି ରଖାଯାଇଛି । ଏହି ବଜେଟ୍ ବିଭିନ୍ନ ଯୋଜନାକୁ ସଫଳ କରିବା ସହ ଆବଶ୍ୟକୀୟ ସେବା ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଆର୍ଥିକ ପ୍ରତିବଦ୍ଧତାକୁ ଦର୍ଶାଉଛି ।

କାର୍ଯ୍ୟକ୍ରମ ଭିତ୍ତିକ ବ୍ୟୟ (Programme Expenditure):

ବଜେଟ୍‌ର ଏକ ପ୍ରମୁଖ ଅଂଶ ହେଉଛି କାର୍ଯ୍ୟକ୍ରମ ଭିତ୍ତିକ ବ୍ୟୟ, ଯାହାର ପରିମାଣ ₹୬,୬୫୦.୦୦ କୋଟି । ଏହାକୁ ମୁଖ୍ୟତଃ ତିନୋଟି ଭାଗରେ ବିଭକ୍ତ କରାଯାଇଛି: ରାଜ୍ୟସ୍ତରୀୟ ଯୋଜନା (State Sector Scheme), କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା (Centrally Sponsored Scheme) ଏବଂ କେନ୍ଦ୍ରୀୟ ଯୋଜନା (Central Sector Scheme) । ଏହି ବ୍ୟୟବରାଦ ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ସରକାରଙ୍କ ଗୁରୁତ୍ୱକୁ ସୂଚାଉଛି ।

ରାଜ୍ୟରୁ ହସ୍ତାନ୍ତରିତ ଅନୁଦାନ (Transfer From State):

ବଜେଟ୍‌ର ଅନ୍ୟ ଏକ ବୃହତ ଅଂଶ ହେଉଛି 'ରାଜ୍ୟରୁ ହସ୍ତାନ୍ତରିତ ଅନୁଦାନ', ଯାହାର ମୋଟ ପରିମାଣ ₹୩୩୩୪.୦୮ କୋଟି । ଏହି ଅନୁଦାନକୁ କେନ୍ଦ୍ରୀୟ ଅର୍ଥ କମିଶନ, ରାଜ୍ୟ ଅର୍ଥ କମିଶନ ଏବଂ ଷ୍ଟାମ୍ପ ଡ୍ୟୁଟି ଭଳି ବର୍ଗରେ ବିଭକ୍ତ କରାଯାଇଛି । ଏହା ସରକାରୀ ପାଣ୍ଠିର ସୁପରିଚାଳନା ଏବଂ ସମନ୍ୱୟକୁ ପ୍ରତିଫଳିତ କରୁଛି ।

ପ୍ରତିଷ୍ଠାନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ (EOM):

ପ୍ରତିଷ୍ଠାନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ (EOM) ପାଇଁ ₹୭୪୨.୭୮ କୋଟି ବ୍ୟୟବରାଦ କରାଯାଇଛି । ବିଦ୍ୟମାନ ଭିତ୍ତିଭୂମି ଏବଂ ସରକାରୀ ସେବାଗୁଡ଼ିକୁ ସୁଚାରୁରୂପେ ଚଳାଇବା ପାଇଁ ଏହି ବ୍ୟୟ ଅତ୍ୟନ୍ତ ଆବଶ୍ୟକ ।

Budget Proposal 2026-27 (In Crore)	
Category	**Proposed Budget**
Programme Expenditure	
State Sector Scheme	4650.00
Centrally Sponsored Scheme	2000.00
Central Sector Scheme	0.0081
Total Programme Expenditure	**6650.00**
Transfer from State	
Union Finance Commission	652.00
State Finance Commission	2562.73
Other Transfer (Stamp Duty)	119.35
Total Transfer from State	3334.08
Total (Programme Expenditure + TFS)	**9984.08**
EOM	**742.78**
Total Budget	10726.86

Budget Proposed (2026-27) - In Crores



ସାମାଜିକ ଗଣମାଧ୍ୟମ

H & UD Dept
@HUDDeptOdisha
Hon'ble Chief Minister Shri @MohanMOdisha launched the Economic Plan for #BCPPER under the Growth Hub Initiative, marking a landmark step towards Odisha's economic transformation and strengthening the Bhubaneswar–Cuttack–Puri–Paradip corridor as a growth hub.
#ViksitOdisha
CMO Odisha and 7 others
2:35 PM · Feb 7, 2026 · 1,656 Views
Relevant
H & UD Dept
@HUDDeptOdisha
Show translation
CMO Odisha and 6 others
12:01 PM · Jan 31, 2026 · 3,801 Views
Relevant
Instagram
chiaralove_

Housing & Urban Development Department, Govt. of Odisha
11 December 2025
CMO Odisha Dr. Krushna Chandra Mahapatra Information & Public Relations Department, Government of Odisha Ministry of Housing and Urban Affairs Works Department, Government of Odisha
You and 112 others
10 comments 3 shares
Like
Comment
Share

H & UD Dept
@HUDDeptOdisha
Show translation
@dr_kcmahapatra
CMO Odisha and 6 others
12:01 PM · Jan 31, 2026 · 3,801 Views
Relevant

H & UD Dept
@HUDDeptOdisha
Show translation
@nac_aska1, @Nac_Chikiti @bmcbbsr @dr_kcmahapatra @SecyChief @DC_Odisha
@CMO_Odisha @IPR_Odisha
@ushapadhee1996
7:48 PM · Aug 31, 2025 · 3,152 Views
hudd_odisha - Following
hudd_odisha - Following
hudd_odisha - Following

Instagram
Odisha Yatri in Cuttack
See 78 comments

hudd_odisha - Following
hudd_odisha - Following
hudd_odisha - Following

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ,
ଓଡ଼ିଶା ସରକାର